ଭକ୍ତକବି ୰ ବଳରାମ ଦାସଙ୍କ

# ବ୍ରହ୍ମାଣ୍ଡ ଭୂଗୋଳ

## ହରି ଅର୍ଜ୍ଜୁନ ସମ୍ବାଦ

Scanned under
Project Pothi

# ବ୍ରହ୍ମାଣ୍ଡ ଭୂଗୋଳ

## ପ୍ରଥମ ଅଧ୍ୟାୟରୁ ଚଉରାଶୀ ଅଧ୍ୟାୟ

ହେ ଦେବଦେବ ଜଗନ୍ନାଥ । ଭକ୍ତ ବତ୍ସଳ ଗୋପୀନାଥ ।। ତୁମ୍ଭେ ଯେ ସଂସାରର ସେତୁ । ସର୍ବ କର୍ମର ଅଟ ହେତୁ ।। ତୁମ୍ଭ କୃପାରେ ମୂଢ଼ ନର । ସୁଧୀଏ କରନ୍ତି ଆଦର ।୩। ତେଣୁ ଶରଣ ବଳରାମ । ଦିଅ ହେ ପ୍ରଭୁ ଦିବ୍ୟ ଜ୍ଞାନ ।। ବ୍ରହ୍ମାଣ୍ଡ ଭୂଗୋଳ ଆପଣ ପାର୍ଥେ କହିଲ ଯେଉଁ ଜ୍ଞାନ । ତାହା ମୁଁ କରିବି ଲିଖନ ।। ଏହି ମୋହର ମନସ୍କାମ ।। ପୂରଣ କର ଚକ୍ରଧର । ପ୍ରଣାମ ଶତ ଶତ ବାର ।୭। ଶ୍ରୀ ଅର୍ଜ୍ଜୁନ ଉବାଚ– ଅର୍ଜ୍ଜୁନ ବେନି କରଯୋଡ଼ି । କହେ ଗୋବିନ୍ଦ ପାଦେ ପଡ଼ି ।। ଭୋ ନାଥ ଆରତ ଭଞ୍ଜନ । କରୁଣା ସିନ୍ଧୁ ଜନାର୍ଦ୍ଦନ ।। ନମସ୍ତେ ପ୍ରଭୁ ଦିବ୍ୟ ରୂପୀ । ସକଳ ଦେହେ ଅଛ ବ୍ୟାପୀ ।। ମୁକତି ଲଭିବି କେମନ୍ତେ । ଏମନ୍ତ ଆଜ୍ଞା ହେଉ ମୋତେ । ଶ୍ରୀକୃଷ୍ଣ ଗୋବିନ୍ଦ ଗୋପାଳ । କହ ହେ ବ୍ରହ୍ମାଣ୍ଡ ଭୂଗୋଳ ।। ଏ ଭାଗବତ ଧର୍ମ ଅର୍ଥ । ଦୟା କରିବେ ଗୋପୀନାଥ ।୫। କହ କେଶବ ତୋଷମନେ । ନମଇଁ ତୁମ୍ଭର ଚରଣେ ।। ମାୟା ନ କରି ମୋତେ କହ । ଫିଟାଅ ମୋ ମନୁ ସଂଶୟ ।। ଶ୍ରୀଭଗବାନୁବାଚ – ଭକତ ସ୍ତୁତି ଶୁଣି କର୍ଣ୍ଣେ । କହନ୍ତି ପ୍ରଭୁ ତୋଷମନେ ।। ଶୁଣ ଭକତ ତୋଷ ଚିତ୍ତେ । କହିବା ଭାଗବତ ଅର୍ଥେ । ମନକୁ କର ତୁ ନିଶ୍ଚଳ । କହିବା ବ୍ରହ୍ମାଣ୍ଡ ଭୂଗୋଳ ।। ଶୁଣ ହେ ପାର୍ଥ ମନ ଦେଇ । କହିବା ଭାଗବତ ଫେଇ । ଯେ କାଳେ ନ ଥିଲା ସଂସାର । ନ ଥିଲେ ଚନ୍ଦ୍ର ଦିବାକର ।। ନଥିଲା ଦିବସ ରଜନୀ । ନଥିଲା ଭୁବନ ମେଦିନୀ ।। ଆଦ୍ୟରୁ ନଥିଲା ପବନ । ନଥିଲେ ଶୂନ୍ୟେ ତାରାଗଣ । ନଥିଲେ ଦେବାସୁର ନର । ନଥିଲା ସଂସାର ପ୍ରଚାର ।। ନଥିଲା ଜଳ ସ୍ଥଳାନୀଳ । ନଥିଲା ଗଗନ ମଣ୍ଡଳ ।। ନଥିଲେ ତେଜ ଆଉ ନୀର ।। ନଥିଲେ ବ୍ରହ୍ମା ବିଷ୍ଣୁ ଶିବ । ନଥିଲା ବେଦର ସ୍ୱଭାବ ।। ସେକାଳେ ଶୂନ୍ୟ ମୋର

ରୂପ । ଏମନ୍ତେ ଗଲା କୋଟି କଳ୍ପ ।। ବ୍ରହ୍ମାଣ୍ଡ ମୋର ଗର୍ଭେନେଇ । ରଖିଲି ବ୍ରହ୍ମରୂପ ହୋଇ ।। କେହି ନଥିଲେ ହେ ଅର୍ଜ୍ଜୁନ । ବ୍ରହ୍ମାଣ୍ଡ ହୋଇଥିଲା ଶୂନ୍ୟ ।। ଏମନ୍ତ କୋଟିକଳ୍ପ ଅନ୍ତେ । ଦୟା ଉପୁଜିଲା ମୋ ଚିତ୍ତେ ।। ସୃଷ୍ଟି କାରଣେ ବାଞ୍ଛା ହେଲା । ମୋ ଅଙ୍ଗୁ ବିନ୍ଦୁ ଉଛୁଳିଲା ।। ସେ ବିନ୍ଦୁ ତ୍ରୟ ଭାଗ ହେଲା । ତ୍ରିବୀଜ ରସ ବୋଲାଇଲା ।। ସେ ବିନ୍ଦୁ ହସ୍ତରେ ଧରିଲି । ତ୍ରୟେ ଅଙ୍ଗୁଳେ ଗଳାଇଲି ।। ତ୍ରୟ ବୀଜରୁ ତ୍ରୟ ଦେବ । ହୋଇଲେ ବ୍ରହ୍ମା ବିଷ୍ଣୁ ଶିବ ।। ଏ ତିନି ମୂର୍ତ୍ତିଠାରୁ ପୁଣ । ଉତ୍ପତ୍ତିହେଲା ରାମ ନାମ ।। ନାମରୁ ଭାଗବତ ହେଲା । ତେଣୁ ଦ୍ୱିତୀୟ ବୋଲାଇଲା ।। କହଇ ବଳରାମ ଦାସ । ପ୍ରଥମ ଅଧ୍ୟାୟ ହେଲା ଶେଷ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ପ୍ରଥମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ** : ଅର୍ଜ୍ଜୁନ ବିନୟ ଭାବରେ । ପଡ଼ଇ କୃଷ୍ଣଙ୍କ ପୟରେ ।। କଥାଏ ପଡ଼ିଲା ମୋ ମନ । କହ ହେ ପ୍ରଭୁ ଭଗବାନ ।। ଭାଗବତ ଯେ ବୋଲାଇଲା । କେମନ୍ତେ ଏକାଦଶ ହେଲା ।। ଏକଥା କହ ଭାବଗ୍ରାହୀ । ଭାଗବତ ଯେ ପୁଣ ଫେଇ ।।

**ଶ୍ରୀ ଭଗବାନୁବାଚ** : କହନ୍ତି ପ୍ରଭୁ ଦଇତାରି । ଶୁଣ ଅର୍ଜ୍ଜୁନ ହେତୁ କରି ।। ମାତା ପିତାଙ୍କ ରଜ ବୀଜ । ତେଣୁ ହୋଇଲା ମହାତେଜ ।। ରଜ ବୀର୍ଯ୍ୟକୁ ଭାଗକଲା । ଏମନ୍ତେ ଭାଗବତ ହେଲା ।। ଏକାଦଶ ଇନ୍ଦ୍ରିୟଗଣ । ରଜୋ ବୀର୍ଯ୍ୟରୁ ଜାତ ପୁଣ ।। ଦେହରୁ ବ୍ରହ୍ମ ଏକ ହୋଇ । ଏକାଦଶ ଏଣୁ ବୋଲାଇ ।। ଦ୍ୱିତୀୟ ଅଧ୍ୟାୟ ହେଲା ଶେଷ । କହଇ ବଳରାମ ଦାସ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ଦ୍ୱିତୀୟୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ** : ଅର୍ଜ୍ଜୁନ ବୋଲଇ ଗୋସାଇଁ । କଥାଏ ମନେ ପଡ଼ିଲଇଁ । ଗୀତ ସ୍ମୃତି ଯେତେକ ତତ୍ତ୍ୱ । କାହୁଁ ଏ ଶାସ୍ତ୍ର



ହେଲା ଜାତ ।। ଏତେକ ଶାସ୍ତ୍ର ଜାତ କଲ । କାହୁଁ କେମନ୍ତେ ଭିଆଇଲ ।। ସେ ତତ୍ତ୍ୱ କହ ମୋତେ ଫେଇ । ସମସ୍ତ ପ୍ରଭୁ ଭାବଗ୍ରାହୀ ।। ଭୃତ୍ୟ ବଚନ ଶୁଣି କର୍ଣ୍ଣେ । କହନ୍ତି କୋମଳ ବଚନେ ।। **ଶ୍ରୀ ଭଗବାନୁବାଚ**– ଶୁଣ ଅର୍ଜ୍ଜୁନ ମନ ଦେଇ । କହିବା ଭାଗବତ ଫେଇ ।। ଏମନ୍ତେ ମହାଶୂନ୍ୟ ହେଲା । ସେ ଶୂନ୍ୟ ପ୍ରଣବ ହୋଇଲା ।। ପ୍ରଣବ ଓଁକାରକୁ କହି । ଏକାକ୍ଷରଟି ସେ ଅଟଇ ।। ଓଁକାର ନାମ ହେଲା ଜାତ । ନାମରୁ ବେଦଟି ସମ୍ଭୂତ ।। ଓଁକାରୁ ନାମ ଜାତ ହେଲା । ନାମଟି ଶାସ୍ତ୍ର ବୋଲାଇଲା ।। ଦେହକୁ ଶାସ୍ତ୍ର ବୋଲିକହି । ନାମଟି ଶରୀରେ ବସଇ ।। ରାତି ଦିବସ ଭଜୁଥାଇ । ତିଳେ ହେ ନାମ ନଛାଡ଼ଇ ।। ଏମନ୍ତେ ଶାସ୍ତ୍ର ହେଲା ଜାତ । ଶୁଣ ଅର୍ଜ୍ଜୁନ ଭାଗବତ ।। ଭଣିଲେ ବଳରାମ ଦାସ । ସେ ବ୍ରହ୍ମପାଦେ ମୋର ଆଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ତୃତୀୟୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ** – ଅର୍ଜ୍ଜୁନ ଶିରେ ଦେଇ କର । ବୋଲେ ହେ ବ୍ରହ୍ମାଣ୍ଡ ଠାକୁର ।। ଷଡ଼ ସମ୍ବାଦ ଅର୍ଥ କହ । ମନରୁ ଫେଡ଼ ମୋ ସନ୍ଦେଶ ।। **ଶ୍ରୀ ଭଗବାନୁବାଚ** – ଶୁଣ ଅର୍ଜ୍ଜୁନ ଦେଇ ଚିତ୍ତ । କହିବା ତୋତେ ଜ୍ଞାନ ତତ୍ତ୍ୱ ।। ଷଡ଼ ସମ୍ବାଦ ଅର୍ଥ ଗୁଣ । ହୃଦରେ ଗଣ୍ଠି କରି ଘେନ ।। ପୂର୍ବେ ହୋ ଏକାକ୍ଷର ଥିଲା । ଅନନ୍ତ ମୁଖରୁ କ୍ଷରିଲା ।। ଏକାକ୍ଷର ବାସୁକୀ ହସ୍ତେ । ବାସୁକୀ ଦେଲେ ବ୍ରହ୍ମା ହସ୍ତେ ।। ବ୍ରହ୍ମା ତା ଦେଲେ ନାରଦଙ୍କୁ । ନାରଦ କହିଲେ ବ୍ୟାସଙ୍କୁ ।। ବ୍ୟାସ ତା ଶୁକ ହସ୍ତେ ଦେଲେ । ଶୁକ ତା ପରୀକ୍ଷେ କହିଲେ ।। ପରୀକ୍ଷଠାରୁ ସୁତଋଷି । ସନକ ଆଗରେ ପ୍ରକାଶି ।। ସନକ ମୈତ୍ରେୟ କହିଲେ । ମୈତ୍ରେୟ ବିଦୁରେ ଭାଷିଲେ ।। ଏମନ୍ତ ଭାଗବତ ଧର୍ମ । ଷଡ଼ପ୍ରକାର ଏହି ମର୍ମ ।। ଶୁଣି ଅର୍ଜ୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭ୍‌ଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଚତୁର୍ଥୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ** – ଅର୍ଜ୍ଜୁନ ବୋଇଲେ ଗୋସାଇଁ । ସଂଶୟ ଫେଡ଼ ଭାବଗ୍ରାହୀ ।। ପୂର୍ବେ ଯେ ଏକାକ୍ଷର ହେଲା । କେମନ୍ତେ ମୁଖରୁ କ୍ଷରିଲା । ପୂର୍ବେ ବୋଲିଣ କେହୁ ପୁଣ । ଏକ ଅକ୍ଷର କେ ପ୍ରମାଣ ।। ମୁଖରୁ କେମନ୍ତ କ୍ଷରିଲା । ବାସୁକୀ ହସ୍ତରେ କେ ଦେଲା ।। ଅନନ୍ତ କେ ଅବା ବୋଲାଇ । ବାସୁକି କାହାକୁଟି କହି ।। ବ୍ରହ୍ମାକୁ କେହି ବୋଲି ଜାଣି । ନାରଦ କେ ଅଟଇ ପୁଣି । ବ୍ୟାସ ଋଷିଟି କେ ହୋଇଲେ । ଶୁକ ମୁନି କେ ବୋଲାଇଲେ ।। ପରୀକ୍ଷ କାହାକୁଟି କହି । ସୁତଋଷିଟି କେ ବୋଲାଇ ।। ସନକ କାହାକୁଟି କହି । ମଇତ୍ରେୟଟି କେ ବୋଲାଇ ।। ବିଦୁର ପୁଣିକେ ଅଟଇ। ଫେଡ଼ି କହିବା ଯଦୁସାଇଁ ।

**ଶ୍ରୀ ଭଗବାନୁବାଚ** : ଶୁଣ ଅର୍ଜ୍ଜୁନ ଦେଇ ମନ । କହିବା ତୋତେ ବ୍ରହ୍ମଜ୍ଞାନ ।। ପୂର୍ବେଟି ମହାଶୂନ୍ୟେ ଜାଣ । ଅନନ୍ତ ଜ୍ୟୋତିଟି ପ୍ରମାଣ ।। ଓଁକାର ଏକାକ୍ଷର କହି । ଜ୍ୟୋତିରୁ ରକାର ଜନ୍ମଇ । ବାସୁକି ପବନକୁ କହି । ରକାରୁ ପବନ କ୍ଷରଇ । ନାମଟି ବ୍ରହ୍ମ ବୋଲାଇଲା । ଓଁ କାର ତହୁଁ ଜାତ ହେଲା ।। ନାରଦ ତ୍ରିଗୁଣକୁ କହି । ରକାରୁ ସେହି ଜନ୍ମ ହୋଇ ।। ବ୍ୟାସଟି ଚୈତନ୍ୟ ପୁରୁଷ । ଓଁକାର ତହୁଁ ଯେ ପ୍ରକାଶ ।। ଶୁକ କେ ସୁଷୁମ୍ନା ଦ୍ୱାର । ରକାରଠାରୁ ସେ ବାହାର । ନାମଟି ପରୀକ୍ଷା ହୋଇଲା । ଓଁକାର ଶବଦ ହୋଇଲା । ସୂତ୍ର ଯେ ସୁତଋଷି ଜାଣ । ସନକ ଶକ୍ତିଟି ପ୍ରମାଣ ।। ବିନ୍ଦୁଟି ମଇତ୍ରେୟ ହୋଇ । ବିନ୍ଦୁର ଜ୍ଞାନଟି ବୋଲାଇ ।। ଶୂନ୍ୟରୁ ବିନ୍ଦୁ ଯେ ଖସିଲା । ଷଡ଼ ପ୍ରକାର ସେ ହୋଇଲା ।। ଷଡ଼ ସମ୍ବାଦ ହୁଏ ଆସି । ମାତା ରଜରେ ଯାଇ ମିଶି ।। ଭାବରୁ ଯାହା ସେ ସମ୍ଭୂତ । ଏଣୁଟି ନାମ ଭାଗବତ । ଷଡ଼ ପ୍ରକାରେ ସେ ଖସିଲା । ଷଡ଼ ସମ୍ବାଦ ବୋଲାଇଲା ।। ଶୁଣି ଅର୍ଜ୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ ଷଡ଼ସମ୍ବାଦ କଥନେ **ପଞ୍ଚମୋଽଧ୍ୟାୟଃ** ସମାପ୍ତ ।



**ଅର୍ଜ୍ଜୁନ ଉବାଚ** : ଅର୍ଜ୍ଜୁନ ବୋଲେ ଭଗବାନ । କଥାଏ ପଡ଼ିଲା ମୋ ମନ ।। ଦ୍ୱାଦଶସ୍କନ୍ଧ କାହୁଁ ହୋଇ । ଏକଥା କହ ଭାବଗ୍ରାହୀ ।। ଦ୍ୱାଦଶ ସ୍କନ୍ଧ ପଦ ଅର୍ଥ । ଫେଡ଼ି କହିବା ଜଗନ୍ନାଥ ।।

**ଶ୍ରୀ ଭଗବାନୁବାଚ** : ଶୁଣ ଅର୍ଜ୍ଜୁନ ମନଦେଇ । କହିବା ଭୂଗୋଳକୁ ଫେଇ ।। ପ୍ରଥମସ୍କନ୍ଧ ତାକୁ କହି । ଦ୍ୱିତୀୟ ସ୍କନ୍ଧ ଲଲାଟହିଁ ।। ତୃତୀୟସ୍କନ୍ଧ କର୍ଣ୍ଣ କଲା । ଚତୁର୍ଥ ସ୍କନ୍ଧ ଚକ୍ଷୁ ହେଲା ।। ପଞ୍ଚମସ୍କନ୍ଧ ନାସା ଜାଣ । ଷଷ୍ଠସ୍କନ୍ଧ ଯେ ମୁଖ ପୁଣ ।। ସପ୍ତମସ୍କନ୍ଧ କଣ୍ଠ କହି । ଅଷ୍ଟମସ୍କନ୍ଧ ହୃଦହୋଇ ।। ନବମସ୍କନ୍ଧ ନାଭିପୁଣ । ଦଶମସ୍କନ୍ଧ ପଞ୍ଚପ୍ରାଣ । ଏକାଦଶ ଇନ୍ଦ୍ରିୟ କଲା । ଦ୍ୱାଦଶ ବାୟୁ ସୂତ୍ର ହେଲା ।। ଦ୍ୱାଦଶସ୍କନ୍ଧ ଯେ ଏମନ୍ତେ । ଅର୍ଜ୍ଜୁନ କହିଲି ମୁଁ ତୋତେ ।। ଅର୍ଜ୍ଜୁନ ଶୁଣି ହେଲେ ତୋଷ । ଭଣିଲେ ବଳରାମ ଦାସ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଷଷ୍ଠୋଽଧ୍ୟାୟଃ** ସମାପ୍ତ ।। **ଅର୍ଜ୍ଜୁନ ଉବାଚ** : ଶୁଣି ଅର୍ଜ୍ଜୁନ ପଚାରଇ । ଭୋନାଥ କହ ମୋତେ ଫେଇ ।। ନିଗମକଳ୍ପତରୁ ଅର୍ଥ । ଫେଡ଼ି କହିବେ ଜଗନ୍ନାଥ ।। ନିଗମ ବୋଲି ଯେ କେମନ୍ତ । କିମ୍ପା ତାହାର ନାହିଁ ଅନ୍ତ । **ଶ୍ରୀ ଭଗବାନୁବାଚ** – ଶୁଣ ଅର୍ଜ୍ଜୁନ ମନଦେଇ । କହିବି ଭୂଗୋଳକୁ ଫେଇ ।। ନିଗମ ବୋଲି ଯାହାକହି । ମହାଶୂନ୍ୟଟି ସେ ଅଟଇ ।।ଦେବ ଯହିଁକି ନ ଗମିଲା । ତେଣୁ ନିଗମ ନାମହେଲା ।। କଳ୍ପତରୁଟି ଯାହା କହି । ନିରାକାରଟି ରୂପ ହୋଇ ।। ସେଠାରୁ ରସ ବିନ୍ଦୁ ଗଳି । ସେ ବୀଜ ରସୁ ଫଳଫଳି ।। ବିନ୍ଦୁ ବୋଲିଣ ଯାହା କହି । ଶିଶୁ ଧାରଟି ସେ ଅଟଇ ।। ବିନ୍ଦୁଟି ସେହି ବାଟେ କ୍ଷରି । ଅଣୁଏ ଶୁକ ମୁଖୁଁ ଝରି । ବୀଜେ ସଂଯୁକ୍ତ ହୋଇ ଖସି । ମାତା ରଜରେ ଯାଇ ମିଶି । ଏହି ରଜ ବୀଜେ ପିଅଇ । ଏଣୁଟି ଭାଗବତ ହୋଇ ।। ଭାବରେ ଭାବ ଯହୁଁ କଲା । ତେଣୁଟି ଏ ଦେହ ପାଇଲା ।। ସୁଜନମାନେ ହେତୁକର । ଭାବକୁ ଛାଡ଼ି ଭାବଧର ।। ଭାବଟି ନାମ

ବ୍ରହ୍ମଜାଣ । ପିଅ ହେ ସାଧୁ ସୁଜ୍ଞଜନ ।। ଭବସାଗରେ ତୁମ୍ଭେ ପଡ଼ି । ଆବର ଭବକୂପେ ବୁଡ଼ି ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୁଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ଅର୍ଜ୍ଜୁନ ସମ୍ବାଦେ **ସପ୍ତମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ:** ଅର୍ଜ୍ଜୁନ ପୁଣି ପଚାରିଲା । ସଂଶୟଚିତ୍ତେ ଭୟ କଲା। ଶ୍ରୀଭାଗବତ ପଦ ଅର୍ଥ । ମୋତେ କହି ତା ତୋଷ ଚିତ୍ତ । ନମଇଁ ନୃସିଂହ ଚରଣ । ଅନାଦି ପରମ କାରଣ ।। ପରମ କାରଣ କିମ୍ପାଇଁ । ଅନାଦି ପ୍ରଭୁ ଭାବଗ୍ରାହୀ । ଏ ଅର୍ଥ କହ ଫେଡ଼ି ମୋତେ । ନମଇଁ ତୋର ପାଦଗତେ । **ଶ୍ରୀ ଭଗବାନୁବାଚ** – ଅର୍ଜ୍ଜୁନ ବଚନେ ମୁରାରି । କହନ୍ତି ଭୂଗୋଳ ବିସ୍ତାରି । ଶୁଣି ଅର୍ଜ୍ଜୁନ ସାଧୁଚେତା । ତୋତେ କହିବା ତତ୍ତ୍ୱ ଗାଥା । ଅବ୍ୟକ୍ତ ରୂପ ଭଗବାନ । ମୋ ତହୁଁ ସୃଷ୍ଟି ନୋହେ ଭିନ୍ନ ।। ଅନାଦି ରାଧା କେ ବୋଲାଇ । ରାଧାଙ୍କ କାରଣ ଅଟଇ ।। ରାଧା ଅକ୍ଷରେ ସେ ଯୁଗଳ । ରାଆରେ ମଅଟି ବିହାର ।। ଏ ପଦ ଅର୍ଥର ସନ୍ଦେଶ । ଭଣିଲେ ବଳରାମ ଦାସ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଅଷ୍ଟମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ** : ପୁଣି ଅର୍ଜ୍ଜୁନ କରଯୋଡ଼ି । ବୋଲଇ କୃଷ୍ଣପାଦେ ପଡ଼ି ।। ନମଇଁ ନୃସିଂହ ଚରଣ । ଏ ଅର୍ଥ କହ ଭଗବାନ ।। ଏକ ଅକ୍ଷର ଏକ ଅର୍ଥ । ମୋତେ କହିବ ପଦ୍ମନେତ୍ର । ଅର୍ଜ୍ଜୁନ ବଚନେ ଗୋବିନ୍ଦ । କହନ୍ତି ଏକାଦଶସ୍କନ୍ଧ ।।

**ଶ୍ରୀ ଭଗବାନୁବାଚ** : ଅକ୍ଷର ଗୋଟିକ ଯେ ଅର୍ଥ । ତୋତେ କହିବା ଯେ ତଦନ୍ତ ।। ନଅଟି ନିରାକାର ରୂପ । ମଅ ଯେ ମହା ସୂକ୍ଷ୍ମ ରୂପ ।। ଇକାର ଈଶ୍ୱର ପ୍ରମାଣ । ନଅ ଯେ ଅର୍ଦ୍ଧମାତ୍ରା ଜାଣ ।। ସିଇରୁ ସୂକ୍ଷ୍ମ ମୁନାଜାତ । ହଅରୁ କ୍ଷରୁଛି ଜଗତ । ତଅରୁ ଚରାଚର ହେଲା । ରଅଟି ଶରୀରେରହିଲା । ଣଅ ଅକ୍ଷର



ମହାଶୂନ୍ୟ । ଅନ୍ତେ ହୋଇବ ତହିଁ ଲୀନ ।। ଭଣିଲେ ବଳରାମ ଦାସ। ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ନବମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ** : ଅର୍ଜ୍ଜୁନ ବିନୟ ଭାବରେ । ପଡ଼ଇ କୃଷ୍ଣର ପୟରେ ।। ହେ କୃଷ୍ଣ ଜୀବନ ମୋହର । ତୋ ନାମ ସଂସାରରେ ସାର ।। ଅନାଦି ପ୍ରଭୁ ଭାବଗ୍ରାହୀ । ପରମ କାରଣ କିମ୍ପାଇଁ ।। **ଶ୍ରୀ ଭଗବାନୁବାଚ** – କହନ୍ତି କମଳ ଲୋଚନ । ଶୁଣ ହୋ ଭକତ ଅର୍ଜ୍ଜୁନ ।। ଅନାଦି ଅର୍ଦ୍ଧମାତ୍ରା କହି । ପ୍ରକୃତି ଭାବ ସେ ଅଟଇ ।। ପ୍ରଳୟେ ପରମେ ମିଶନ୍ତି । ଜୀବକୁ କାରଣ କରନ୍ତି ।। ଏବେହେଁ ପିତା ଭାବେ ଥିଲା । ପରମ କାରଣ ସେ କଲା ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ ଦଶମୋଽଧ୍ୟାୟଃ ସମାପ୍ତ ।

--●--

**ଅର୍ଜ୍ଜୁନ ଉବାଚ** – ଅର୍ଜ୍ଜୁନ ବୋଲଇ ଗୋସାଇଁ । କଥାଏ ପଚାରିବି ମୁହିଁ । ଲୀଳା ବିଧୃତ କଳେବର । ଦେବମାନବେ ଅଗୋଚର ।। ଏ ଜ୍ଞାନ କହ ଭାବଗ୍ରାହୀ । ଶୁଣିଲେ ପ୍ରତେ ଯିବି ମୁହିଁ ।। **ଶ୍ରୀ ଭଗବାନୁବାଚ**– କହନ୍ତି କମଳାର ବର । ମୁଁ ଥାଇ ସକଳ ଶରୀର ।। ଘଟରେ ଲୀଳା କରୁଥାଇ । ଘଟ ଛାଡ଼ିଲେ ଶୂନ୍ୟେ ଯାଇ ।। ଘଟରୁ ପ୍ରାଣ ଛାଡ଼ିଯାଇ । ତାହାକୁ କେହି ନ ଦେଖଇ ।। ଜୀବ ଯେ ଶୂନ୍ୟେ ଚଳିଗଲା । ଦେବ ମନୁଷ୍ୟ ନ ଜାଣିଲା । ମେଘ ବିଜୁଳି ଯେହ୍ନେ ମାରେ । ମାରିଣ ଯେଉଁ ଦିଗେ ଚଳେ ।। ବିଜୁଳି ପ୍ରାୟ ଦେହୁ ଯାଇ । ଦେବ ମାନବେ ନ ଦେଖଇ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ

ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୁଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଏକାଦଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** କରୁଣା କଟାକ୍ଷ ପ୍ରକାଶେ । ଭକତଜନ ଦୁଃଖନାଶେ । କେମନ୍ତେ କରୁଣା ସେ କଲେ । ଭକତ ଦୁଃଖକୁ ନାଶିଲେ ।। ଏ ଅର୍ଥ କହ ଦୟାନିଧି । ମୋ ଶିର ତୁମ୍ଭ ପାଦେ ବନ୍ଦି ।।

**ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜ୍ଜୁନ ହେତୁ ମନେ । କହିବା ଭୂଗୋଳ ବିଧାନେ ।। ଜୀବଟି ଭକତ ଅଟଇ । ପ୍ରଳୟ ଜଳେ ଦୁଃଖ ପାଇ ।। ବେଗେ ଛାଡ଼ିଲେ ପିଣ୍ଡ ଜୀବ । ଏମନ୍ତ ପାଇ ଦୁଃଖଭାବ ।। ବହୁ ଅନେକ ଦୁଃଖ ପାଇ । ପ୍ରଭୁଙ୍କ କରୁଣା ହୁଅଇ ।। ଜୀବ ପରମ ବେନିମିଶେ । ଭକତଜନ ଦୁଃଖ ନାଶେ ।। କହଇ ବଳରାମ ଦାସ ।। ସେ ବ୍ରହ୍ମପଦେ ମୋର ଆଶ । ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଦ୍ୱାଦଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ସେ ହରି ଚରଣେ ପ୍ରକାଶ । ଶ୍ରୀଭଗବତ ଏକାଦଶ ।। ଏ ଅର୍ଥ କହ ମୋତେ ଫେଇ । ନମଇଁ ବ୍ରହ୍ମାଣ୍ଡ ଗୋସାଇଁ ।। ହରି ଚରଣ ପ୍ରକାଶିଲା । ଶ୍ରୀ ଭାଗବତ ବୋଲାଇଲା ।। ଏ କଥା କହ ଦଇତାରି । ଶୁଣିଲେ ମୁଁ ଯିବି ନିସ୍ତରି । **ଶ୍ରୀ ଭଗବାନୁବାଚ** – ଶୁଣ ଅର୍ଜ୍ଜୁନ ମହାରଥା । ତୋତେ କହିବା ତତ୍ତ୍ୱକଥା ।। ସେ ହରି ଶୂନ୍ୟବ୍ରହ୍ମ ଜ୍ୟୋତି । ତା ପାଦୁ ବିନ୍ଦୁ ଉତପତ୍ତି ।। ସେ ବିନ୍ଦୁ ପଦ୍ମରେ ରହିଲା । ରଜବୀଜରେ ଏକହେଲା ।। ରଜ ବୀଜକୁ ଭାଗ କଲା । ତେଣୁଟି ଭାଗବତ ହେଲା ।। ରଜବୀଜରୁ ଏକ ପାଦ । ଜନ୍ମିଲେ ଏକାଦଶ ସ୍କନ୍ଧ ।। ଶ୍ରୀ ଭାଗବତ ଏକାଦଶ । ତେଣୁ ଏ ହୋଇଲା ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ତ୍ରୟୋଦଶୋଽଧ୍ୟାୟଃ** ସମାପ୍ତ ।



**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ପୁଣି ପଚାରଇ। କଥାଏ ମନେ ପଡ଼ିଲଇଁ ।। ସାଧୁ ସଙ୍ଗମେ ଗଙ୍ଗାତୀରେ । ଶୁକ ଚରଣ ଧରି କରେ । ଆନନ୍ଦେ ଅଶ୍ରୁପାତ କଲା । ମୁନିଙ୍କ ଚରଣେ ନମିଲା ।। ସାଧୁ ଯେ କେଉଁଠାରେ ଥିଲେ । ଗଙ୍ଗାତୀରରେ ସଙ୍ଗ କଲେ । ଶୁକ ଚରଣକୁ ଧଇଲେ । ନୟନୁ ଅଶ୍ରୁପାତ କଲେ । ଏ ଅର୍ଥ କହ ଭଗବାନ । ନମଇଁ ତୁମ୍ଭରି ଚରଣ ।

**ଶ୍ରୀ ଭଗବାନୁବାଚ :** ଅର୍ଜ୍ଜୁନ ବାକ୍ୟେ ଚକ୍ରପାଣି । ବୋଲନ୍ତି ଶୁଣ ଫାଲ୍‌ଗୁନି । ଡାହାଣ ନାସାରେ ଯେ ବାଇ । ଗଙ୍ଗା ବୋଲିଣ ତାକୁ କହି ।। ସୁଷୁମ୍ନା ଯେ ସେହି ଜାଣ । ମନ ପବନ ଯେ ଚରଣ ।୯। ମନପବନ ଏକ ହୋଇ । ଟେକିବ ଶିଶୁଧାରେନେଇ ।୧୦। ଶୁକ ଚରଣକୁ ଧଇଲା । ପଶ୍ଚିମ ଦୃଷ୍ଟି ପୂର୍ବେ ହେଲା ।୧୧। ଶୂନ୍ୟରେ ଦୃଷ୍ଟି ସେ ରହିଲା । ନୟନୁ ଅଶ୍ରୁପାତ କଲା ।। ଶିଶୁ ଧରା ଯେ ସୁତ ହୋଇ । ବ୍ରହ୍ମାଣ୍ଡ ଭୂଗୋଳରେ କହି ।। ସେ ଧରେ ନିତ୍ୟେ କରି ଆଶ । ଭଣିଲେ ବଳରାମ ଦାସ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଚତୁର୍ଦ୍ଦଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ବୋଲଇ ଗୋସାଇଁ । କଥାଏ ପଚାରିବି ମୁହିଁ ।। ଦେବଙ୍କ ବ୍ୟାକୁଳ ମୁରାରି । ମର୍ତ୍ତ୍ୟେ ମନୁଷ୍ୟ ଦେହଧରି ।୨। ଦୁର୍ଜ୍ଜନ ଗଣ ନାଶକଲେ । ଅବନୀଭାର ଉଶ୍ୱାସିଲେ ।। ଏ ଅର୍ଥ କହ ଭଗବାନ । ନମଇଁ ତୁମ୍ଭର ଚରଣ ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜ୍ଜୁନ ବୀରମଣି । କହିବା ଭାଗବତ ବାଣୀ ।। ଅବନୀ ଦେହକୁ ଯେ କହି । ପ୍ରକୃତି ଯହିଁ ବଶ ହୋଇ ।। ଦୁଷ୍ଟଗଣକୁ ନାଶ କରି । ଏ ଆତ୍ମା ଯାଉ ନିଜ ପୁରୀ ।୭। ଜୀବ ପରମ ଶୂନ୍ୟେ ଚଳେ । ଅବନୀଭାର ଉଶ୍ୱାସିଲେ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ପଞ୍ଚଦଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ** : ଅର୍ଜ୍ଜୁନ ଶିରେ କରଯୋଡ଼ି । କହଇ କୃଷ୍ଣ ପାଦେ ପଡ଼ି ।। ଭୀମକୁ ବିଷ ଲଡ୍ଡୁ ଦେଇ । ଜତୁର ଘରେ ଅଗ୍ନିଦାହୀ ।। ଏ ଆଦି ଯେତେ କର୍ମମାନ । ପାଣ୍ଡବେ କଲା ଦୁର୍ଯ୍ୟୋଧନ ।। ସଙ୍ଗତେ ପାଞ୍ଚଭାଇ ଘେନି । ନାଶିଲେ ସେ କୁରୁସଇନି ।। ଭୀମ କେ ଦେହ ବୋଲାଇଲା । କେ ତାକୁ ବିଷଲଡ୍ଡୁ ଦେଲା ।। ଏ ଅର୍ଥ କହ ଭଗବାନ । ନମଇଁ ତୁମ୍ଭର ଚରଣ ।। **ଶ୍ରୀ ଭଗବାନୁବାଚ** : ଅର୍ଜ୍ଜୁନ ବଚନେ ମୁରାରି । କହନ୍ତି ଭୂଗୋଳ ବିସ୍ତାରି ।। ପବନ ଭୀମ ବୋଲାଇଲା । ଦେହକୁ ଜଉଘର କଲା । ବିଷ ଲଡ୍ଡୁଟି ସ୍ତିରୀ ଜାଣ । ଏକଥା ଅଟଇ ପ୍ରମାଣ ।। ମନଟି ଦୁର୍ଯ୍ୟୋଧନ ହେଲା । କାମ ଅଗ୍ନିରେ ଜାଳିଦେଲା ।। ପଞ୍ଚପାଣ୍ଡବ ପଞ୍ଚଭୂତ । ସଙ୍ଗତେ ଘେନି ଜଗନ୍ନାଥ ।। କୁରୁବଳକୁ ନାଶ କରି । ପାଣ୍ଡବ ବଂଶ ଯା'ନ୍ତି ତରି ।। ଦୁର୍ଯ୍ୟୋଧନର ଯେତେ ସୈନ୍ୟ । ପାଣ୍ଡବ ବଳ ଶତେଗୁଣ ।। ପ୍ରଳୟ ପାପକୁ ନାଶନ୍ତି । ସତ୍ତ୍ୱଗୁଣରେ ତରିଯାନ୍ତି ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଷୋଡ଼ଶୋଽଧ୍ୟାୟଃ** ସମାପ୍ତ ।

--●--

**ଅର୍ଜ୍ଜୁନ ଉବାଚ** : ଅର୍ଜ୍ଜୁନ ବୋଲେ ଯୋଡ଼ି କର । ଶୁଣ ହେ ବ୍ରହ୍ମାଣ୍ଡ ଠାକୁର ।। ଯେସନେ ବନେ ବାଂଶେ ବାଂଶେ । ଅନଳ ଉପୁଜେ ଭରଷେ ।। ବନରେ ବାଂଶ କେ ହୋଇଲା । ଘଷନ୍ତେ ଅଗ୍ନିଜାତ ହେଲା ।। ସେ ସବୁ ଅଗ୍ନିଜାତ ହୋଇ । ପୁଣି ସେ ବନକୁ ଦହଇ ।। ସଂଶୟ ଫେଡ଼ି ମୋତେ କହ । ଶୁଣି ମୋ ସ୍ଥିର ହେଉ ଦେହ ।।



**ଶ୍ରୀକୃଷ୍ଣ ଉବାଚ** : କହନ୍ତି କମଳଲୋଚନ । ଶୁଣ ହେ ପାଣ୍ଡବ ଅର୍ଜ୍ଜୁନ ।। ଦେହକୁ ବନ ବୋଲି କହି । ପବନ ବାଂଶ ସେ ବୋଲାଇ ।। ପରମ ମୁଖୁଁ ଅଗ୍ନି ଜାତ । ବୀଜକୁ ଫେଡ଼ଇ ତ୍ୱରିତ ।। ଏ ବନୁ ଅଗ୍ନି ଜାତ ହେଲା । ଦହନ କରିଣ ଲଭିଲା ।। ଶୁଣି ଅର୍ଜ୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।। ଇତିଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ସପ୍ତଦଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ** : ଅର୍ଜୁନ ବୋଲେ ମହାବାହୁ । କଥାଏ ମୋତେ ଆଜ୍ଞା ହେଉ ।। ବିପ୍ର ଯେ ଶ୍ରମରେ ଗମନ୍ତେ । ମିଳିଲେ ପୁଣ୍ଡରୀକା ତୀର୍ଥେ ।। ସମସ୍ତେ ତୀର୍ଥେ ଯାଇମିଳି । ରଙ୍ଗେ ସେ କଲେ ନାନାକେଳି ।। ସେ ବିପ୍ରଗଣେ କାହିଁ ଥିଲେ । କୃଷ୍ଣ ଦର୍ଶନେ ସେ ଗମିଲେ ।। ସେ ପୁଣ୍ଡରୀକ ତୀର୍ଥ କେହୁ । କି ରୂପେ କେଳି କଲେ ସେହୁ । ସଂକ୍ଷେପ କରି ମୋତେ କହ । ଶୁଣିଲେ ଛାଡ଼ିବ ସନ୍ଦେହ । **ଶ୍ରୀ ଭଗବାନୁବାଚ** – ଶୁଣ ପାଣ୍ଡବ ଚୂଡ଼ାମଣି । କହିବା ଭୂଗୋଳକୁ ପୁଣି । ପରମବ୍ରହ୍ମ ବୀଜ ଖସି । ପଞ୍ଚଭୂତହିଁ ତହିଁ ମିଶ । ବିପ୍ରଗଣ ଯେ ବୋଲାଇଲେ ।। ସମସ୍ତେ ସେ ତୀର୍ଥେ ମିଳିଲେ । ପୁଣ୍ଡିରୀକ ଯେ ତୀର୍ଥ ଦେହୀ । ମାତାର ସେ ପଦ ଅଟଇ ।। ଅର୍ଜ୍ଜୁନ ଯୋଡ଼ି କରତଳ । ନୟନୁ ବହେ ଅଶ୍ରୁଜଳ ।। ଶାମ୍ବକୁ ନାରୀବେଶ କରି । ଉଦରେ ଲୌହପାତ୍ର ଭରି ।। ଶାମ୍ବ ବୋଲିଣ କେ ଅଟଇ । ସେ ଲୌହପାତ୍ର କେ ହୁଅଇ ।। କେମନ୍ତେ ଲୌହପାତ୍ର ହେଲା । ଯାଦବ କୁଳ ନାଶ କଲା ।। ଏ ଅର୍ଥ କହ ଭାବଗ୍ରାହୀ । ଶୁଣିଣ ନିସ୍ତରିବି ମୁହିଁ ।। **ଶ୍ରୀ ଭଗବାନୁଉବାଚ** : ଅର୍ଜ୍ଜୁନଂ ବଚନେ ମୁରାରି । କହନ୍ତି ଭୂଗୋଳ ବିସ୍ତାରି ।। ଶାମ୍ବ ଯେ ମନ ତାର ଜାଣ । ଜୀବଟି ଲୌହ ପରିମାଣ ।। ଜାକକୁ ପାତ୍ର ବୋଲି କହି । ରଜୋଭାବଟି ସେ ଅଟଇ ।। ଜଳଟି ଲୌହପାତ୍ର ହେଲା । ଜୀବ

ଆମ୍ଭାକୁ ନାଶ କଲା ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୁଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ଅଷ୍ଟାଦଶୋଽଧ୍ୟାୟଃ** ସମାପ୍ତ ।

●

**ଅର୍ଜ୍ଜୁନ ଉବାଚ** : ଅର୍ଜ୍ଜୁନ ବୋଲଇ ଗୋସାଇଁ । କଥାଏ ମନେ ପଡ଼ିଲଇଁ ।। ସେ ଶାମ୍ବ ମୁନିଙ୍କି ଦେଖିଲା । ମୁନି ତାହାକୁ ଶାପ ଦେଲା ।। ପୁଣି ସେ ପୁତ୍ର ଚଳିଗଲେ । ଉଗ୍ରସେନକୁ ଯେ କହିଲେ ।। ମୁନିଙ୍କ ଶାପୁ ଲୌହ ଜାତ । ଜାଣିବି କାହୁଁ ଏ ତଦନ୍ତ ।। ମୁନି ଯେ କେହୁ ବୋଲାଇଲା । ଉଗ୍ରସେନ ଯେ କେହୁ ହେଲା ।। **ଶ୍ରୀ ଭଗବାନୁବାଚ** : ଶୁଣି ଅର୍ଜ୍ଜୁନର ବଚନ । କହନ୍ତି ଦେବକୀ ନନ୍ଦନ ।। ଜ୍ୟୋତି ପୁରୁଷ ଯାହାକହି । ଋଷି ଯେ ଜଗତେ ବୋଲାଇ ।୬। ଜୀବକୁ ସେହି ଜାତ କଲା । ଧର୍ମରେ ପାଳିବ ବୋଇଲା ।। ପୃଥ୍ୱୀରେ ପଡ଼ି ପାଶୋରିଲା ଅକର୍ମ କର୍ମ ସେହୁ କଲା ।୧। ସ୍ତିରୀ ସଙ୍ଗତେ ନିତ୍ୟେ ପଡ଼ି । ସୁକର୍ମମାନ ଦେଲା ଛାଡ଼ି ।। ପରମ ପିତା ବୋଲାଇଲା । ଜୀବ ଅକର୍ମରେ ବଢ଼ିଲା ।। ଯହୁଁ ନ କଲା ପିତା ବାକ୍ୟ । ତହୁଁ ପାଇଲା ବ୍ରହ୍ମଶାପ ।। ବ୍ରହ୍ମାଙ୍କୁ ଯହୁଁ ନାଶକଲା । ଏଣୁ ଅନଳେ ଝାସଦେଲା ।୧୩। ଶାମ୍ବ ଜନମ ଅର୍ଥ ଏହି । ଅର୍ଜ୍ଜୁନ କହେ ଭାବଗ୍ରାହୀ ।। ପ୍ରକୃତି ଗୁଣ କୃଷ୍ଣ ସୁତ । ମୂଷଳ ବୋଲି ନିଜ ତତ୍ତ୍ୱ ।। ଚୈତନ୍ୟ ଉଗ୍ରସେନ କହି । ଶୁଣ ତୁ ଯୁଧିଷ୍ଠିର ଭାଇ ।। ଶୁଣି ଅର୍ଜ୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।୧୭। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଉନବିଂଶୋଽଧ୍ୟାୟଃ** ସମାପ୍ତ ।

●



**ଅର୍ଜ୍ଜୁନ ଉବାଚ** : ଅର୍ଜ୍ଜୁନ କହେ ଭଗବାନ । ମୁଁ ତୁମ୍ଭ ଚରଣେ ଶରଣ । ଅନେକ ଦିନ ଘଷି ରୋଷେ । ଅଳପ ରହେ ଅବଶେଷେ ।। ଲୌହ ନ ପାରି ପକାଇଲେ ଜଳେ । ମୀନ ଗିଳିଲା ତାହା ବଳେ ।। ସେ ଜଳେ ମୀନ ରହିଥିଲା । ଆହାର ବୋଲି ଗିଳିଦେଲା ।। ଲୌହ ବୋଲିଣ କାହୁଁ ହେଲା । ଜଳ ବୋଲି କେ ବୋଲାଇଲା ।। ଏ ଅର୍ଥ କହ ଗୋପୀନାଥ ।। ଶୁଣି ମୋ ସ୍ଥିର ହେଉ ଚିତ୍ତ ।୬।

**ଶ୍ରୀ ଭଗବାନୁବାଚ** : କହନ୍ତି ଭୂଗୋଳ ବିଧାନ । ଶୁଣ ଅର୍ଜ୍ଜୁନ ଦେଇ ମନ ।। ଜୀବଟି ଲୌହ ବୋଲି କହି । ପବିତ୍ର ଜଳ ସେ ବୋଲାଇ ।। ପବନ ବଳେ ସେ ଚଳଇ। ସେ ବିନ୍ଦୁ ଜଳରେ ପଡ଼ଇ । ମୀନଟି ମାତା ରଜ ହେଲା । ଘୋର ଜଳ ସେ ବୋଲାଇଲା ।। ରଜରେ ବୀର୍ଯ୍ୟ ସେ ପଡ଼ିଲା । ସେ ରଜ ବୀର୍ଯ୍ୟକୁ ଗିଳିଲା ।। ଶୁଣି ଅର୍ଜ୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ବିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ** : ପୁଣି ଅର୍ଜ୍ଜୁନ ପଚାରିଲା । ସଂଶୟ ଚିତ୍ତେ ସେ ପୁଛିଲା ।। ଚରନ୍ତେ ସମୁଦ୍ରର ଜଳେ । ଜାଲେ ପଡ଼ିଲା ରାତ୍ର କାଳେ ।। ତୀକ୍ଷ୍ଣ ତ୍ରିଶିରା ସେ ହୋଇଲା । ଯାଦବ କୁଳ ନାଶ କଲା ।। ଏ ଅର୍ଥ କହ ଭଗବାନ। ନମଇଁ ତୁମ୍ଭର ଚରଣ ।

**ଶ୍ରୀ ଭଗବାନୁବାଚ** : ଶୁଣ ଅର୍ଜ୍ଜୁନ ମନ ଦେଇ । କହିବି ଭୂଗୋଳକୁ ଫେଇ ।। ସମୁଦ୍ର ମାତା ପଦ ହେଲା । ତହିଁରେ ମୀନ ଚରୁଥିଲା ।। କାଳକୁ ରାତ୍ର ବୋଲି କହି । ଜାଲ ବୋଲନ୍ତି ମାୟା ହୋଇ ।। ମନ ବୋଲନ୍ତେ ଦେହ ଜାଣ । ତୀକ୍ଷ୍ଣଟି ତ୍ରିଶିରାଟି ତ୍ରିଗୁଣ । ରଜୋଗୁଣରେ ଯେ ପଡ଼ିଲା । ଏଣୁଟି ଜୀବ ନାଶ ଗଲା ।। ମାତା

ଗର୍ଭରେ ଯେତେଦିନ । ଦିବସ ହୋଇଥାଏ ପୁଣ । ପୃଥ୍ୱୀରେ ଯେଣୁ ସେ ପଡ଼ିଲା । କାଳରାତ୍ରି ଯେ ଆକର୍ଷିଲା ।। ଧୀବର କାମ ଜାଲ ହୋଇ । ସେ କାମ ଜାଲ ଯେ ବୋଲାଇ ।। ଶୁଣି ଅର୍ଜ୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ଏକୋବିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ:** ଅର୍ଜ୍ଜୁନ ଶିରେ କରଯୋଡ଼ି । କହଇ ପ୍ରଭୁ ପାଦେ ପଡ଼ି ।। ଯେ ଲୌହ ଚୂର୍ଣ୍ଣ ପଡ଼ି ତଳେ । ଭାସିଲେ ସମୁଦ୍ର କଲ୍ଲୋଳେ । ତୀରେ ଲାଗନ୍ତେ ଲୌହ ଚୂର୍ଣ୍ଣ । ଜନ୍ମିଲା ଏରକାରବନ । ଏ କଥା କହ ଦଇତାରି ।। ଶୁଣିଲେ ଯିବି ମୁଁ ନିସ୍ତରି ।। **ଶ୍ରୀ ଭଗବାନୁବାଚ–** ଜଳ ଯେ ମାତା ପଦ୍ମ କହି । ଚୂର୍ଣ୍ଣ ଯେ ପିତା ବୀଜ ହୋଇ ।। ରଜରେ ବୀଜ ଯେ ପଡ଼ିଲା ।। ଅନେକ ଦିନ ଭାସୁଥିଲା । ତାର ବୋଲନ୍ତେ ଯାହା କହି । ସେଠାରୁ ଶରୀର ବହଇ ।। ତ୍ରିଗୁଣ ଭାବ ଆଚରିଲା । ଏଣୁ ଏ ଜୀବ ନାଶ ଗଲା ।। କହଇ ବଳରାମ ଦାସ । ଶୁଣି ଅର୍ଜ୍ଜୁନ ହେଲେ ତୋଷ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଦ୍ୱାବିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ଯୋଡ଼ି ବେନି କର । କହଇ ଶ୍ରୀକୃଷ୍ଣ ଛାମୁର ।। ଅଦ୍ଭୁତ ଦ୍ୱାରକା ନଗର । ଘୋର ଉତ୍ପାତ ଭୟଙ୍କର ।। ଗୋବିନ୍ଦ ଭୂଜଦଣ୍ଡ ବଳେ । ଯାଦବ ଥାନ୍ତି ସୁଖ ଭୋଳେ ।୩। ଏ ଜୀବ କେମନ୍ତେ ନିସ୍ତରେ । କହିବେ ପ୍ରଭୁ ଶ୍ରୀମୁଖରେ ।୪। ଦ୍ୱାରକା ଭୁବନ କେ କହି । ନିର୍ଣ୍ଣୟ କରି କହ ଫେଇ ।୫। ଗୋବିନ୍ଦ ଭୂଜଦଣ୍ଡ ଦେହୀ । ଯାଦବ କୁଳେ ସୁଖେ ରହି ।୬। ହେ ପ୍ରଭୁ କମଳ ଲୋଚନ । ମୋ ପାପ କର ବିମୋଚନ ।୭। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜ୍ଜୁନ ଚିତ୍ତ ଦେଇ । କହିବା



ଭାଗବତ ଫେଇ ।। ଦ୍ୱାରକା ବୋଲି ଯେଉଁ ସ୍ଥାନ । ମାତାର ପଦ୍ମ ବୋଲି ଜାଣ ।୯। ରଜରେ ବିନ୍ଦୁ ଯେ ମିଶାଇ । ପବନ ଭୁଜଦଣ୍ଡ କହି ।୧୦। ଜୀବର ପ୍ରକୃତ ଯେ ଜାଣ । ଜାତ ହୁଅଇ ତହିଁ ପୁଣ ।୧୧। ପଦ୍ମରେ ସୁଖେ ବିହରିଲା । ବ୍ରହ୍ମାଣ୍ଡ ଭୂଗୋଳ କହିଲା ।୧୨। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳର ରସ ।୧୩।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ତ୍ରୟୋବିଂଶୋଽଧ୍ୟାୟଃ** ସମାପ୍ତ ।

●

**ଅର୍ଜ୍ଜୁନ ଉବାଚ :** ବୋଲଇ ଶୁଣ ଭାବଗ୍ରାହୀ । ଆନନ୍ଦେ ଶିରେ କର ଦେଇ ।୧। ପୂର୍ବେ ଯେ ବିଦେହ ମଣ୍ଡଳେ । ନିମି ରାଜାର ଯଜ୍ଞଶାଳେ ।୨। ଦିବ୍ୟ ପୁରୁଷ ନବରଷି । ମିଳିଲେ ଯଜ୍ଞଶାଳେ ଆସି ।୩। ଏ ଅର୍ଥ ଫେଡ଼ି ମୋତେ କହ । ଶୁଣିଲେ ଫେଡ଼ିବ ସନ୍ଦେହ ।୪। ନିମି ରାଜାଟି କେ ହୋଇଲା । କେମନ୍ତେ ଯଜ୍ଞଶାଳ କଲା ।୫। ସେ ନବ ରଷି କେ କେ କହ । କହିଲେ ଫିଟିବ ସନ୍ଦେହ ।୬। **ଶ୍ରୀ ଭଗବାନୁବାଚ –** ଶୁଣ ଅର୍ଜ୍ଜୁନ ସାଧୁ ଚେତା । ତୋତେ କହିବା ସେହି କଥା ।୭। ମାତାଙ୍କୁ ପଦ୍ମ ପୂର୍ବେ କହି । ବିଦେହ ରାଜା ଜୀବ ହୋଇ ।୮। ନିମି ରାଜାଟି ସେ ଅଟଇ । ଯଜ୍ଞଶାଳାଟି ପଦ୍ମ କହି । ରଜରେ ବୀର୍ଯ୍ୟ ଯୁକ୍ତ ହେଲା । ସେ ମହାବୀଜ ବୋଲାଇଲା ।୧୦। ଏ ନବ ରଷି ନବଦ୍ୱାର । ମନ ଚୈତନ୍ୟ ଜ୍ଞାନ ସାର ।୧୧। ଏହାକୁ ନବରଷି କହି । ଶୁଣ ଅର୍ଜ୍ଜୁନ ମନ ଦେଇ ।୧୨। କହଇ ବଳରାମ ଦାସ । ସେ ନବ ମୁନିପାଦେ ଆଶ ।୧୩।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ଚତୁର୍ବିଂଶୋଽଧ୍ୟାୟଃ** ସମାପ୍ତ ।

●

**ଅର୍ଜୁନ ଉବାଚ:** ଅଗ୍ନି ଯେ କୁଣ୍ଡମଧ୍ୟେ ଥିଲା । ବିପ୍ରଙ୍କ ସଙ୍ଗରେ ଉଠିଲା । ଆନନ୍ଦ ମନେ ନୃପବର । ପୁଚ୍ଛିଲା ମୁନିଙ୍କ ପୟର । ଅଗ୍ନିକେ କୁଣ୍ଡ କେ ହୋଇଲା । କେମନ୍ତେ ସଙ୍ଗତେ ଉଠିଲା । ବିପ୍ରଗଣଟି କେ ବୋଲାଇ । ନୃପତି କେ ଅବା ଅଟଇ ।। ମନସଙ୍ଗରୁ ଯେ ଖସିଲା । ପଦ୍ମ ମଧରେ ବିହରିଲା । ଏ ଅର୍ଥ କହ ଭଗବାନ । ମୁଁ ତୁମ୍ଭ ଚରଣେ ଶରଣ । **ଶ୍ରୀ ଭଗବାନୁବାଚ:** କହନ୍ତି କମଳାର ବର । ଶୁଣ ହେ ବୀର ଧନୁର୍ଦ୍ଧର ।। ମନ ସଙ୍ଗରେ ଯେ ଖସିଲା । ପଦ୍ମ ମଧରେ ବିହରିଲା । ବୀଜ ଯେ ରଜଟି ପ୍ରମାଣ । ତୋ ହୃଦେ ଗଣ୍ଠି କରି ଘେନ । କହଇ ବଳରାମ ଦାସ । ସେ ଅଗ୍ନିକୁଣ୍ଡେ ମୋର ଆଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନେ ସମ୍ବାଦେ
**ପଞ୍ଚୋବିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ବୋଲେ ଗଦଗଦେ । ପଡ଼ଇ ଶ୍ରୀକୃଷ୍ଣଙ୍କ ପାଦେ ।। କୃଷ୍ଣର ପାଦ ନଖପନ୍ତି । ଚନ୍ଦ୍ରକିରଣ ପ୍ରାୟ ଜ୍ୟୋତି ।। କୃଷ୍ଣର ପାଦ କେ ହୋଇଲା । ଚନ୍ଦ୍ରପ୍ରାୟେକ ଝଟକିଲା । ଏ ଅଥ ଫେଡ଼ି ମୋତେ କହ । ମନରୁ ଫେଡ଼ ମୋ ସନ୍ଦେହ । **ଶ୍ରୀ ଭଗବାନୁବାଚ :** କହନ୍ତି କମଳଲୋଚନ । ଶୁଣ ଭକତ ଦେଇ ମନ । କୃଷ୍ଣଙ୍କ ଅଟେ ଶୂନ୍ୟେ ବାସ । ଜ୍ୟୋତି ରୂପରେ ସେ ପ୍ରକାଶ ।। ଅରୂପ ଶୂନ୍ୟ ବ୍ରହ୍ମଜ୍ୟୋତି । ସେ ପାଦେ ଥାନ୍ତି ନଖ ପନ୍ତି ।। ସେଠାରୁ ବିନ୍ଦୁ ପାଦୁ ଖସି । ଚନ୍ଦ୍ର କିରଣ ପ୍ରାୟେ ଦିଶି ।। ଶୁଣି ଅର୍ଜୁନ ହେଲେ ତୋଷ । ସେ ବ୍ରହ୍ମପାଦେ ଦେଇ ଆଶ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ । ଭଣିଲେ ବଳରାମ ଦାସ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ଷଡ଼ବିଂଶୋଽଧ୍ୟାୟଃ** ସମାପ୍ତ ।

●



**ଅର୍ଜୁନ ଉବାଚ -** ଅର୍ଜୁନ ବୋଲେ ଭାବଗ୍ରାହୀ । ମୁଁ ତୁମ୍ଭ ଚରଣେ ପୁଚ୍ଛଇ ।। ଈଶ୍ୱର ତେଜ ଅନ୍ତରାଳ । ତକ୍ଷଣେ ଉପୁଜିଲା କାଳ ।। କାଳ ସ୍ୱରୂପ ଜାତ ହେଲା । ବିଷ୍ଣୁର ମାୟା ନ ପଡ଼ିଲା ।। କେମନ୍ତେ ଅନ୍ତରାଳ ହେଲା । କାଳରୁ କେବା ଜାତ କଲା ।। ଏ ଅର୍ଥ କହ ମୋତେ ଫେଡ଼ି । ପୁଚ୍ଛଇ ତୁମ୍ଭ ପାଦେ ପଡ଼ି । **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ଦେଇ ଚିତ୍ତ । ତୋତେ କହିବା ଭାଗବତ ।। ଈଶ୍ୱର ନିରାକାର ହରି । ଜ୍ୟୋତି ରୂପରେ ସେ ବିହରି ।। ତା ଦେହେ ବିନ୍ଦୁ ଉଚ୍ଛୁଳିଲା । ଅନ୍ତରାଳରେ ଯେ ପଶିଲା । କାଳଟି ଅର୍ଦ୍ଧ ମାତ୍ରା କହି । କାଳରୁ ଜୀବଆତ୍ମା ହୋଇ ।। ସତ୍ତ୍ୱ ଗୁଣରେ ସେ ପାଳଇ । କାଳ ରୂପରେ ସଂହାରଇ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ସପ୍ତବିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ଶୁଣି କୃତକୃତ୍ୟ । ଶିରେ ଯୋଡ଼ଇ ବେନି ହସ୍ତ । ଯେସନ ଜଳବିମ୍ବ ଜଳେ । ରୂପ ପ୍ରକାଶେ ବାୟୁ ବଳେ ।। କେମନ୍ତେ ଜଳବିମ୍ବ ହେଲା । ବାୟୁରେ ପ୍ରକାଶ ହୋଇଲା । ବିରାଟ ପୁରୁଷ ଯେ କହି । ସେଠାରେ ପ୍ରକାଶ ହୁଅଇ ।। ଭକତ ବନ୍ଧୁ ତୁମ୍ଭେ ହରି । କହିବ ଭୂଗୋଳ ବିସ୍ତାରି ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ହୋଇ ତୋଷ । ତୋ ଆଗେ କରିବି ପ୍ରକାଶ ।। ଜଳଟି ମାତା ରଜ ହୋଇ । ବୀଜଟି ବିନ୍ଦୁ ସେ ବୋଲାଇ । ବାୟୁ ବଳରେ ଜାତ ହୋଇ ।। ବିରାଟ ଜ୍ୟୋତି ରୂପେ ଥାଇ ।। ରଜୋବୀଜର ମଧ୍ୟେ ମୁହିଁ । ବିରାଟ ରୂପେ ଥିଲି ରହି ।। ଶୁଣି ଅର୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଅଷ୍ଟ ବିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ବୋଲଇ ଗୋସାଇଁ । କଥାଏ ପଚାରିବି ମୁହିଁ ।। ଦ୍ୱାଦଶ ସୂର୍ଯ୍ୟଶୂନ୍ୟେ ରହେ । ତିନି ଭୁବନ ତେଜେ ଦହେ । ଅଗ୍ନି ଯେ କାହୁଁ ଜାତ ହେଲା । ପାତାଳ ସମସ୍ତ ଦହିଲା ।। ଦହିଣ ଗଗନେ ମିଳଇ । ଧାରା ବରଷେ ଘୋର ବାହୀ ।। ହସ୍ତୀ ଶୁଣ୍ଡଟି କେ ହୋଇଲା । ଧାରା କେମନ୍ତେ ବରଷିଲା । ଦ୍ୱାଦଶ ସୂର୍ଯ୍ୟଟି କେମନ୍ତେ । ଫେଡ଼ି କହିବ ଜଗନ୍ନାଥେ । **ଶ୍ରୀ ଭଗବାନୁବାଚ :** ପ୍ରଳୟ କାଳର ଏ କଥା । ଶୁଣ ଅର୍ଜ୍ଜୁନ ସାଧୁଚେତା । ଦ୍ୱାଦଶ ଅଙ୍ଗୁଳି ପବନ । ଦ୍ୱାଦଶ ସୂର୍ଯ୍ୟ ବୋଲି ଜାଣ ।। ନାସାର ଅଗ୍ରେ ସେ ବସଇ । ତା ମୁଖୁଁ ଅଗ୍ନିଜାତ ହୋଇ। ପାଦହୃଦୟ ଶିର କହି । ଏ ତିନି ଭୁବନ ବହଇ ।। ପବନ ମେଘମାଳା ହେଲା । ଗଗନ କପାଳକୁ କଲା ।। ଶରୀର ପବନ ଛାଡ଼ଇ । ସେଠାରୁ ପ୍ରବେଶ ହୁଅଇ ।। ଅନନ୍ତ ଜ୍ୟୋତି ରୂପ ଜାଣ । ସେଠାରୁ ଅଗ୍ନି ଜାତପୁଣ ।। ଅଗ୍ନି କଣିକା ଯେ ସମ୍ଭୂତି ! ଗଭୀର ପାତାଳ ପୋଡ଼ନ୍ତି ।। ସମ୍ବର୍ତ୍ତ– ମେଘ ସନ୍ନିପାତ । ଜଳ ବରଷେ ନିରିଘାତ ।। କାଳ ବିକାଳ ବେନି ଧାରା । ଛାଡ଼ନ୍ତି ଯେହ୍ନେ ଜଳଧାରା ।। ଉଲଟ ପବନ ପ୍ରଖର । ହସ୍ତୀ ଶୁଣ୍ଡ ଯେ ନାମ ତାର ।। ଶୁଣି ଅର୍ଜ୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ । ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଊନତ୍ରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ବୋଲଇ ଗୋସାଇଁ । ସଂଶୟ ଚିତ୍ତେ ପଚାରଇ ।। ଜଳ ବହୁଲେ ସୃଷ୍ଟି ନାଶ । ତା ଦେଖି ବିରାଟ ପୁରୁଷ ।। ତକ୍ଷଣେ ଛାଡ଼ି ତ୍ରିଭୂବନ । ବହୁ ଶରୀରେ ହେଲେ ଲୀନ ।। ତିନି ଭୂବନ ସେ ଛାଡ଼ିଲେ । କେମନ୍ତେ ବ୍ରହ୍ମରେ ମିଶିଲେ ।। କେହ୍ନେ ପ୍ରଳୟ ନ ସହିଲା । ମହତ ଦେହେ ବିସ୍ତାରିଲା ।। ପ୍ରଳୟ କେମନ୍ତ ବିସ୍ତାରି । ବ୍ରହ୍ମାଣ୍ଡ ଦିଏ ଧ୍ୱଂସ କରି ।। ପରମ ଆତ୍ମା କେ ବୋଲାଇ ।



ବିରାଟ ପୁରୁଷଟି କେହି ।। କେମନ୍ତ ପ୍ରଳୟ ହୋଇଲା । ସଂଶୟ ମୋ ଚିତ୍ତେ ରହିଲା ।। **ଶ୍ରୀ ଭଗବାନୁବାଚ–** ଅର୍ଜ୍ଜୁନ ବାକ୍ୟେ ଭଗବାନ । କହନ୍ତି ଭୂଗୋଳ ବଚନ ।। ଜଳ ହେ ସନ୍ନିପାତ କହି । ବହୁତ ଅଗ୍ନିରୁ ବହଇ ।। ଡାହାଣ ବାୟୁ ଅଗ୍ନିଜାଣ । ବାମ ନାସିକା ଜଳପୁଣ ।। ଡାହାଣ ନାସା ଅଗ୍ନି ବହି । ବାମରେ ଏକ ବହୁଥାଇ ।। ଅନଳ ଜଳ ଏକ ହେଲା । ଏମନ୍ତେ ବ୍ରହ୍ମାଣ୍ଡ ଦହିଲା ।। ପରମ ବିରାଟ ଯେ ହୋଇ । ତିନିଭୁବନ ସେ ଦହଇ ।। ତକ୍ଷଣେ ପାଦରୁ ଛାଡ଼ଇ । ନାଭିରେ ପ୍ରବେଶ ହୁଅଇ ।। ସେଠାରୁ ବିରାଟ ହେ ହେଲା । ହୃଦୟ କଣ୍ଠଯାଏ ଗଲା ।। ଚକ୍ଷୁରେ ନିରଞ୍ଜନ ଦାସ । ପରମ ଆତ୍ମାରେ ପ୍ରବେଶ ।। ପ୍ରଳୟ ସହି ନ ପାରିଲା । ମହତ ଦେହେ ବିଶ୍ରାମିଲା । କହଇ ବଳରାମ ଦାସ । ସେ ନିରଞ୍ଜନ ମୋର ଆଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ତ୍ରିଂଶୋଽଧ୍ୟାୟଃ** ସମାପ୍ତ ।

---●---

**ଅର୍ଜ୍ଜୁନ ଉବାଚ :** ଶ୍ରୀକୃଷ୍ଣପାଦେ ଦେଇ ମତି । ପୁଣି ଅର୍ଜ୍ଜୁନ ପଚାରନ୍ତି ।। ଶୁଣ ହେ ପ୍ରଭୁ ଲକ୍ଷ୍ମୀପତି । ଏ ଅର୍ଥ କହ ଫିଟୁଭ୍ରାନ୍ତି । କୋଟି ବ୍ରହ୍ମାଣ୍ଡେ ଏହିମତେ । ଯାହାର ଯେହ୍ନୁ ହୁଏ ନିତ୍ୟେ ।। ପବନ ଦଶଦିଗେ ଗଲା । ଯେମନ୍ତେ ଅଗ୍ନିରେ ମିଳିଲା ।। କୋଟି ବ୍ରହ୍ମାଣ୍ଡ କେ ସର୍ଜଇ । କାହାର ଦେହେ ନ ମିଶଇ ।। ଏ କଥା ଫେଡ଼ି ମୋତେ କହ । ମନରୁ ଫେଡ଼ ମୋ ସନ୍ଦେହ । **ଶ୍ରୀ ଭଗବାନୁବାଚ :** କହନ୍ତି ପ୍ରଭୁ ଭଗବାନ । ଅର୍ଜ୍ଜୁନ ଶୁଣ ତତ୍ତ୍ୱଜ୍ଞାନ । ମହାଶୂନ୍ୟଟି ଯାହା କହି । ଅଗ୍ନିରୁ ରୂପ ସେ ଅଟଇ ।। ସେଠାରୁ ପବନ ଜନ୍ମଇ । ବ୍ରହ୍ମାଣ୍ଡ ସର୍ବଘଟେ ଥାଇ । ମହାଶୂନ୍ୟଟି ଚକ୍ଷୁଜାଣ । ଦଶଦ୍ୱାରେ ଯାଏ ପବନ ।। ସର୍ବଦ୍ୱାରରେ ଯେ ବହଇ । ଚକ୍ଷୁ ଅନଳ ନ

ମିଶଇ ।। ଜ୍ୟୋତି ରୂପ ସେ ମହାଶୂନ୍ୟେ । ତା'ଠାରୁ କୋଟି କୋଟି ଜନ୍ମେ ।। କୋଟି କୋଟି ଯେ ଜନ୍ମ ହୋନ୍ତି । ପୁଣି ଅନଳେ ନ ମିଶନ୍ତି ।। ଯେ ପ୍ରାଣୀ ଶୁଣି ସେବାକରେ । ଅନ୍ତେ ବସଇ ସେହି ପୁରେ ।। କହଇ ବଳରାମ ଦାସ । ସେ ଜ୍ୟୋତି ବ୍ରହ୍ମପାଦେ ଆଶ । ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଏକତ୍ରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ବୋଲେ ଭଗବାନ । କହ ହେ ଭାଗବତ ଧର୍ମ । ପୂର୍ବେ ଯେ ଦକ୍ଷପ୍ରଜାପତି । ତାର କୁମାରୀ ନାମ ବୃତ୍ତି ।। ଧର୍ମର ପତ୍ନୀ ଯେ ଯୁକତେ । ବିଷ୍ଣୁ ତାହାର ଗର୍ଭଗତେ ।। ଅରୂପ ହୋଇ ଯେବେ ଥିଲା । କେମନ୍ତେ ରୂପ ରାଶି ହେଲା । ବିଜୁଳି ପ୍ରାୟେକ ଖସିଲା । କେବଣଠାରେ ତପ କଲା ।। ସେ ତପ ଦେଖି ଇନ୍ଦ୍ରମନ । ପେଷିଲା ଯେ ଗନ୍ଧର୍ବଗଣ ।। ଭଗ୍ନ କରିବାକୁ ସେ ଗଲେ । ପ୍ରଭୁ ତ ସେଠାରେ ଜାଣିଲେ ।। ଏକଥା କହ ବନମାଳୀ । ତୋ ନାମ ପଥର ସଙ୍ଖାଳି । **ଶ୍ରୀ ଭଗବାନୁବାଚ :** କହନ୍ତି କମଳାର ବର । ଶୁଣ ହେ ଭକତ ଶେଖର ।। ପୂର୍ବେ ଯେ ମାତା ପଦ୍ମେଥାଇ । ବିଜୁଳି ପ୍ରାୟେ ବିରାଜଇ । ରଜ ଯେ ବୀଜରେ ପଡ଼ିଲା । ସେ ପୁଣି ଗର୍ଭରେ ଧରିଲା ।। ବୀଜଟି ବ୍ରହ୍ମା ବିଷ୍ଣୁ ହୋଇ । ସେ ନାରୀ ଗର୍ଭରେ ରହଇ ।। ଅତି ନିର୍ମଳ ସେହି ସ୍ଥାନ । ଗହନ କାନନ ଯେ ବନ ।। ସେ ବନ ମଧ୍ୟେ ତପେ ପଶି । ସେ ନର ନାରାୟଣ ଋଷି ।। କାମ କ୍ରୋଧରୁ ଦୂର କରି । ଶୂନ୍ୟ ବ୍ରହ୍ମରେ ଚିତ୍ତ ଧରି ।। ଆହାର କରି ରାମ ନାମ । ମହାଶୂନ୍ୟରେ ଦେଇ ମନ । ଇନ୍ଦ୍ରକୁ ଇନ୍ଦ୍ରି ବୋଲି କହି । ମନ ଇନ୍ଦ୍ରିୟ ସେ ବୋଲାଇ ।। ମନ ଇନ୍ଦ୍ରିୟ ବିଚାରିଲେ । ଭୟରେ ପଶି ସେ ପାରିଲେ ।। ମନର



ଦୂତ କାମ ଜାଣ । ଆବର ତୀକ୍ଷ୍ଣ ପଞ୍ଚବାଣ । କାମକୋଦଣ୍ଡ ଗୁଣ ଦେଇ ବିନ୍ଧିଲା କୋପଭର ହୋଇ ।। ସେ ବାଣ ଶରୀରେ ବାଜିଲା । ତପ ସମାଧି ଭଗ୍ନହେଲା ।। ଦିବ୍ୟ ଲୋଚନ ସେହୁ ଚାହିଁ । ଇନ୍ଦ୍ରଗଣକୁ ଆଜ୍ଞା ଦେଇ ।। ମହାଶୂନ୍ୟରେ କନ୍ୟା ଥିଲା । ଏକ କନ୍ୟାଏ ଯାଚିଦେଲା । କନ୍ୟାଟି 'ରା' ଅକ୍ଷର ଜାଣ । ମୋହିଲା ସ୍ୱର୍ଗର ଭୁବନ । ଶୁଣି ଅର୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ । ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଦ୍ୱାବିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ଯୋଡ଼ି କରତଳ । ପଡ଼େ ଗୋବିନ୍ଦ ପାଦତଳ ।। ପଞ୍ଚମେ ମୀନ ରୂପ ହୋଇ । ଧରଣୀଭରା ଶିରେ ବହି ।। ଭୂମି ପାତାଳେ ଥିଲା ମଜ୍ଜି । ପ୍ରଳୟ କାଳେ ଜଳେ ମଜ୍ଜି ।। ଶୂକର ରୂପେ ପଦ୍ମକନ୍ଧେ । ଭୂମି ତୋଳିଲେ ଦନ୍ତଶିଖେ । ପ୍ରଳୟ ଜଳ କେ ହୋଇଲା । ଭୂମି ପାତାଳେ ହଜିଥିଲା ।। ଶୂକର ରୂପ ସେ ଧଇଲେ । କେମନ୍ତେ ଭୂମିକି ତୋଳିଲେ ।। ଏ କଥା କହ ଭାବଗ୍ରାହୀ । ମୁଁ ତୁମ୍ଭ ଚରଣେ ସେବଇ ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ଦେଇ ମନ । ତୋତେ କହିବା ଦିବ୍ୟଜ୍ଞାନ ।। ପ୍ରଳୟ ବୋଲି ମାତା ରଜ । ଆବର ଜଳ ଅଟେ ବୀଜ ।। ରଜରେ ବୀଜ ଯେ ପଡ଼ିଲା । ଅନେକ ଦିନ ଭାସୁଥିଲା ।। ସେଠାରେ ମତ୍ସ୍ୟ ପ୍ରାୟ ହୋଇ । କାମ ଯେ ଶଙ୍ଖାସୁର କହି ।। ଶୂକର ଶରୀର ଧଇଲା । ପବନ ଦନ୍ତରେ ବହିଲା ।। କାମ କ୍ରୋଧ ହିଁ ପଛେ ଆସି । ଶରୀରେ ବିହରିଲେ ପଶି ।। ଇନ୍ଦ୍ରିକି ଆଣିଣ ସ୍ଥାପିଲେ । ଦୁର୍ଲ୍ଲଭ ସୁଖେ ସେ ରହିଲେ ।। କହଇ ବଳରାମ ଦାସ । ଶୂକର ପାଦେ ମୋର ଆଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ତ୍ରୟୋତ୍ରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜ୍ଜୁନ ହୋଇ ଗଦଗଦ । ସାନନ୍ଦେ ଧରି କୃଷ୍ଣପାଦ ।। ଗଭୀର ସିନ୍ଧୁ ଜଳମଧ୍ୟେ । ମନ୍ଦର ଆଣି ସୁଖ ସାଧେ ।। ଏ ଅର୍ଥ କହ ଭଗବାନ । ନମସ୍ତେ ପ୍ରଭୁ ମହାଶୂନ୍ୟ ।।

**ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜ୍ଜୁନ ସାଧୁ ଚେତା । ତୋତେ କହିବା ତତ୍ତ୍ୱକଥା ।। ଗଭୀର ସିନ୍ଧୁ ଯାହା କହି । ମାତାର ପଦ୍ମ ସେ ଅଟଇ ।। ମନ ଯେ ବ୍ରହ୍ମ ବୀଜ ହେଲା । ରଜରେ ଯାଇ ଯୁକ୍ତ ହେଲା ।। ପରମ ମହାଗିରି ଜାଣ । କୂର୍ମ ରୂପରେ ସେ ପ୍ରମାଣ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗାଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଚତୁସ୍ତ୍ରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ କୃତ୍ୟ କୃତ୍ୟ ହୋଇ । ଶ୍ରୀକୃଷ୍ଣ ଚରଣେ ପୁଚ୍ଛଇ ।। ହେ କୃଷ୍ଣ ଆରତ ଭଞ୍ଜନ । କଥାଏ ପଡ଼ିଲା ମୋ ମନ ।। ଗଜ କୁମ୍ଭୀର ଯୁଦ୍ଧକାଳେ । ସେ ହରି ଚକ୍ର ଅନ୍ତକାଳେ ।। କୁମ୍ଭୀର ଗଜକୁ ଗ୍ରାସଇ । ଏ ଜ୍ଞାନ ମୋତେ କହ ଫେଇ ।। କୁମ୍ଭୀର କେଉଁଠାରେ ଥିଲା । ଗଜକୁ ସେହୁ ଗ୍ରାସକଲା ।। କେମନ୍ତେ ଦୁହେଁ ଭେଟ ହୋଇ । କୁମ୍ଭୀର ଗଜକୁ ଗ୍ରାସଇ ।। ଏକଥା ଫେଡ଼ି ମୋତେ କହ । ଶୁଣି ଆକୁଳ ମୋର ଦେହ । **ଶ୍ରୀ ଭଗବାନୁବାଚ :** କହନ୍ତି କମଳଲୋଚନ । ଶୁଣ ଅର୍ଜ୍ଜୁନ ଦେଇ ମନ । ସଂସାରେ ଜୀବ ଖେଳୁଥାଇ । ମାୟା ମୋହରେ ସୁଖ ପାଇ ।। ପ୍ରଳୟ କାଳ ଯହୁଁ ହେଲା । ଜୀବକୁ କାଳ ଆଶ୍ରା କଲା ।। ଜୀବରୁ କାଳ ଜାତ ହୋଇ । କୁମ୍ଭୀର ତାହାକୁଟି କହି । ପରମ ଗଜ ବୋଲି ଜାଣି । ତ୍ରିକୁଟେ ଭେଦ ହୋନ୍ତି ପୁଣି ।। ତ୍ରିକୁଟ ବେଣୀ ଯେ ଅଟଇ । କାଳିନ୍ଦୀହ୍ରଦ ସେ ବୋଲାଇ ।। ହ୍ରଦରୁ ହଂସ ଯିବାକାଳେ । କୁମ୍ଭୀର ଗ୍ରାସେ ସେତେବେଳେ ।। ଜୀବ ଚରଣକୁ ଧଇଲା । ଆତଙ୍କେ ଗଜ



ଡାକଦେଲା ।। ଶୂନ୍ୟ ଶବଦ ଚକ୍ରଜାଣ । ଆମ୍ଭେ ପେଷିଲୁ ତତ୍‌କ୍ଷଣ । କାଳ ଗ୍ରହକୁ ନାଶ କରି । ପରମ ଗଜକୁ ଉଦ୍ଧରି ।। ଶୁଣି ଅର୍ଜୁନ ହେଲେ ତୋଷ ।। କହଇ ବଳରାମ ଦାସ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ପଞ୍ଚତ୍ରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** କହେ ଅର୍ଜୁନ ଶୁଣ ହରି । କଥାଏ କହ ଦଇତାରି ।। କଶ୍ୟପ ଋଷି ଯଜ୍ଞ ମେଳା । ଷଷ୍ଠୀ ସହସ୍ର ବାଳଖିଲ୍ୟା ।। କଶ୍ୟପ ଋଷି କେ ବୋଲାଇ । ବାଳଖିଲ୍ୟାଟି କେ ଅଟଇ ।। ଏ ଅର୍ଥ କହ ଭଗବାନ । ନମଇଁ ତୁମ୍ଭର ଚରଣ ।। **ଶ୍ରୀ ଭଗବାନୁବାଚ :** କହନ୍ତି ପ୍ରଭୁ ଭାବଗ୍ରାହୀ । ଶୁଣ ତୁ ଯୁଧିଷ୍ଠିର ଭାଇ ।। କଶ୍ୟପ ଋଷି ପୂର୍ବେ ଥିଲା । ଗଙ୍ଗାଜଳରେ ତପ କଲା ।। ଉର୍ବଶୀ ପ୍ରଭାତରୁ ଯାଇ । ଗଙ୍ଗାରେ ସ୍ନାନ ସେ କରଇ ।। ଋଷି ଦେଖିଣ ମୋହ ହୋଇ । ତକ୍ଷଣେ ବିନ୍ଦୁ ଉଛୁଳଇ ।। ତକ୍ଷଣେ ବିନ୍ଦୁ ଉଛୁଳିଲା। ସେ ବିନ୍ଦୁ ବାଲିରେ ପଡ଼ିଲା ।। ଷାଠିଏ ସହସ୍ର ବାଲିରେ । ବାଳକ ଯବର ପ୍ରମାଣେ । ତାହାକୁ ଋଷି ଆଜ୍ଞାଦେଲେ । ଯଜ୍ଞକୁ କାଠ ଆଣିଗଲେ ।। ଋଷିଙ୍କ ଆଜ୍ଞା ପ୍ରମାଣରେ । ବନରୁ କାଠ ଯେ ଆଣିଲେ ।। ଏମନ୍ତେ ନିତ୍ୟେ ସେ ପଶନ୍ତି । ବନରୁ କାଠ ଯେ ଆଣନ୍ତି ।। ଏତେଦିନତେ ହୋଇ ମେଳା । ଆଣନ୍ତି ବହୁ କାଷ୍ଠ ଭେଳା ।। ଶ୍ରୀବତ୍ସ ନାମ ଯେ ମୋହର । ଗଙ୍ଗା ମୋ ପାଦରୁ ବାହାର ।। ଯେ କାଷ୍ଠ ବହି ଆଣୁଥିଲେ । ବାଳକେ ଗଙ୍ଗାରେ ପଡ଼ିଲେ ।। ସମସ୍ତେ ହୋଇ ଏକମୁଖ । ଡାକିଲେ ନାରାୟଣ ରଖ ।। ତକ୍ଷଣେ ବହୁରୂପ ଧରି । ବାଳକ ସଂକଟୁ ଉଦ୍ଧାରି ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଷଟ୍‌ତ୍ରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ କୃଷ୍ଣ ମୁଖ ଚାହିଁ । ସଂଶୟ ଫେଡ଼ ହେ ଗୋସାଇଁ । ବ୍ରହ୍ମରେ କହିଲ ଏ ଅର୍ଥ । ଫେଡ଼ି ବୁଝାଅ ପଦ୍ମନେତ୍ର ।

**ଶ୍ରୀ ଭଗବାନୁବାଚ :**

ମାୟା କାଶ୍ୟପରକ୍ଷିଶ୍ଚ, ବାଲଖିଲାୟା ।

ରାଧାଙ୍କ ବସ୍ତ ପଦସ୍ୟ, ଶୂନ୍ୟ ଶୂନ୍ୟ ମହାଶୂନ୍ୟ ।

ଶୁଣ ଅର୍ଜ୍ଜୁନ ମନଦେଇ । କହିବା ଭୂଗୋଳକୁ ଫେଇ ।। କାୟା ଯେ କଶ୍ୟପ ବୋଲାଇ । ବାଳଖିଲ୍ୟା ପ୍ରକୃତି ହୋଇ ।। ରାଧାଙ୍କ ବସ୍ତ ପାଦସାର । ରାଆ ଶବଦ ବେନିକର ।। ଧାଆ ଶବଦଟି ବାହାରେ । ମାଆ ଶବଦଟି ବିହରେ ।। ରାଆ ଯେ ତାପରେ ମିଳଇ । ମାଆଟି ନିରାକାର କହି । ଶୁଣି ଅର୍ଜ୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ । ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ସପ୍ତତ୍ରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ କହେ ଜଗନ୍ନାଥ । କଥାଏ ପଡ଼ିଲା ମୋ ଚିତ୍ତ ।। ପଶୁଏ ଥାନ୍ତି ପଶୁମେଳେ । ତାର ଜୀବନ ଅନ୍ତରାଳେ ।। ଧରି ଭକ୍ଷନ୍ତି ତାର ମାଂସ । କେବଳ ଅସ୍ଥିରହେ ଶେଷ ।। ସେହୁ କେମନ୍ତ ହିଂସା କଲା । ଏକଥା ସଂଶୟ ଲାଗିଲା ।। **ଶ୍ରୀ ଭଗବାନୁବାଚ :** କହନ୍ତି ଯଶୋଦା ନନ୍ଦନ । ଶୁଣ ଅର୍ଜ୍ଜୁନ ଦିବ୍ୟଜ୍ଞାନ ।। ସ୍ତିରୀଙ୍କୁ ପଶୁ ବୋଲି କହି । ପୁରୁଷ ପଶୁ ଏକ ହୋଇ ।। ଋତୁ ସମୟ ଯହୁଁ ହୋଇ । ପୁରୁଷ ଧରି ତା ଭକ୍ଷଇ ।। ଶରୀରୁ ଧାତୁ ଗଳିଯାଇ । କେବଳ ଅସ୍ଥି ମାତ୍ର ରହି ।। ବିଧିରେ କାଳ ଯାକୁ ଗ୍ରାସେ । ସେ ପୁଣି ଅନ୍ତକାଳେ ମିଶେ ।। କହଇ ବଳରାମ ଦାସ । ସୁଜନେ ଏହା ଜ୍ଞାନ ଘୋଷ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଅଷ୍ଟତ୍ରିଂଶୋଽଧ୍ୟାୟଃ** ସମାପ୍ତ ।



**ଅର୍ଜ୍ଜୁନ ଉବାଚ :** ପୁଣି ଅର୍ଜ୍ଜୁନ ପାଦ ଧରି । କହଇ ଶୁଣ ଆହେ ହରି ।। ଦ୍ୱାରକା ପୁରେ ସର୍ବସିଦ୍ଧି । ଯହିଁ ବିଜୟ ଅଷ୍ଟନିଧି ।। ଶୂନ୍ୟ ମଣ୍ଡଳ ରଥେ ଯାଇ । ଜୟ ଶବଦ ତୁଣ୍ଡେ ଗାଇ ।। ନନ୍ଦନ ବନୁ ପୁଷ୍ପ ଆଣି । ପ୍ରୋକ୍ଷଣ କରି ଗଙ୍ଗାପାଣି ।। ଶୂନ୍ୟ ମଣ୍ଡଣି ରଥ କହି । ସେ ରଥେ କେବେ ଥିଲେ ରହି । ଦ୍ୱାରକାପୁର କେ ଅଟଇ ।। ଅଷ୍ଟନିଧି ଯେ କେ ବୋଲାଇ ।। ଆନନ୍ଦ ବନରେ ହୋଇଲା ।। କେବଣଠାରେ ପୁଷ୍ପଥିଲା । ଗଙ୍ଗାଦେବୀ ଯେ କେହୁ ପୁଣ । କେମନ୍ତେ କଲା ସେ ମୋକ୍ଷଣ ।। ନମସ୍ତେ ପ୍ରଭୁ ପୀତବାସ । ଛେଦିବ ମନର ସନ୍ଦେଶ ।। **ଶ୍ରୀ ଭଗବାନୁବାଚ :** ଶୁଣ ହେ ଯୁଧିଷ୍ଠିର ଭାଇ । କହିବା ତୋତେ ଜ୍ଞାନ ଫେଇ ।। ଦ୍ୱାରକା ବୋଲି ଯେଉଁ ପୁର । ମୋହର ଚକ୍ଷୁ ସେ ନିଜର ।। ଅଷ୍ଟଦିଗରେ ଅଷ୍ଟସଖୀ । ଏହାକୁ ଅଷ୍ଟନିଧି ଲେଖି ।। ସକଳ ଭୁବନ ଉତ୍ତମ । ମଧ୍ୟେ ବିଜୟେ ପରଂବ୍ରହ୍ମ ।। ରାଧା ଶବଦ ଅର୍ଥ ଜାଣ । ଦେବତାଙ୍କର ସେ ଆସନ । ନନ୍ଦନ ବନ ଦେହ ମୋର । ଯେ ପଞ୍ଚଭୂତ ପୁଷ୍ପସାର ।।

ଅନେକ ପ୍ରକାରେ କହିଲେ । ପ୍ରଭୁଙ୍କୁ ସେ ଗୁହାରି କଲେ ।। ତାହାଙ୍କୁ ଆଜ୍ଞା ଦେଲେ ହରି । ବୋଇଲେ ଯାଅ ମଞ୍ଚପୁରୀ ।। ଯାବତ ଜୀବଗଣ ଯହିଁ ।ଏହାକୁ ନାଶି ପଛେ ମୁହିଁ ।। କହିଲେ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଊନଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ପୁଣି ଅର୍ଜ୍ଜୁନ ପଚାରଇ । ହେ କୃଷ୍ଣ ମୋତେ କର ତ୍ରାହି । ବ୍ରହ୍ମାଣ୍ଡେ ଚରଣ ବାଜିଲା । ଶବଦେ ପ୍ରକୃତି କମ୍ପିଲା ।। ବ୍ରହ୍ମାଣ୍ଡ ଫାଟି ପାଦତଳେ। ଗଙ୍ଗା ପଡ଼ିଲେ ରସାତଳେ ।। ବ୍ରହ୍ମାଣ୍ଡ କେମନ୍ତ ଫାଟିଲା । କେ ରସାତଳେ ପଡ଼ିଲା ।। ତିନି ଭୁବନେ

ତେଜୋରାଶି । ଧ୍ୱଜପତାକା ପ୍ରାୟ ଦିଶି । ତିନି ଭୁବନ କେ ହୋଇଲା । ପତାକା କେହୁ ବୋଲାଇଲା । ଏ ଅର୍ଥ ଫେଡ଼ି ମୋତେ କହ । ଶୁଣିଲେ ଫିଟିବ ସନ୍ଦେହ । **ଶ୍ରୀ ଭଗବାନୁବାଚ :** ଅର୍ଜୁନ ବଚନେ ଶ୍ରୀହରି । କହନ୍ତି ଭୂଗୋଳ ବିସ୍ତାରି । କହନ୍ତି କମଳ ଲୋଚନ । ଶୁଣ ଅର୍ଜୁନ ଦେଇ ମନ । ବ୍ରହ୍ମାଣ୍ଡ ଭ୍ରାନ୍ତି ତାଳୁ କହି । ନାମ ଚରଣଟି ବାଜଇ ।। ବ୍ରହ୍ମାଣ୍ଡ ଭ୍ରାନ୍ତି ତାଳୁ ହେଲା । ତହିଁରେ ଚରଣ ବାଜିଲା ।। ଶବଦ ରକାର ଅଟଇ । ଶବଦେ ପ୍ରକୃତି କମ୍ପଇ । ଜୀବ ବ୍ରହ୍ମଟି ଗଙ୍ଗା ହୋଇ । ରଜଟି ରସାତଳ କହି । ଶୂନ୍ୟ ଭୁବନୁ ବିନ୍ଦୁ ଖସି । ଧ୍ୱଜ ପତାକା ପ୍ରାୟେ ଦିଶି । କହିଲେ ବଳରାମ ଦାସ । ସେ ଗଙ୍ଗା ପଦେ ମୋର ଆଶ । ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।

---●---

**ଅଜର୍ନ ଉବାଚ :** ପୁଣି ଅର୍ଜୁନ ପଚାରଇ । ଭୋ ନାଥ ବ୍ରହ୍ମାଣ୍ଡ ଗୋସାଇଁ । ପୂର୍ବେ ଯେ ବିଦେହ ନଗରେ ।। କଥାଏ ପଡ଼ିଲା ମନରେ ।। ବିଦେହ ରାଜା କେ ବୋଲାଇ । କିବା ତାହାର ଦେହ ନାହିଁ ।। ରାଜ୍ୟର ନାମ କି ବିଦେହ । ଏ ବାକ୍ୟ ଫେଡ଼ି ମୋତେ କହ ।।

**ଶ୍ରୀଭଗବାନୁବାଚ :** ଅର୍ଜୁନ ବଚନେ ମୁରାରି । କହନ୍ତି ଭୂଗୋଳ ବିସ୍ତାରି ।। ଶୁଣ ଅର୍ଜୁନ ମନ ଦେଇ । ଉଚିତ ବାକ୍ୟ ଏ ବୋଲଇ ।। ମାନବ ଦେହ ସର୍ବ ଦିନେ । ଏଣୁ ଏ ଦେହଧାରୀ ମନେ ।। ଯେଣୁ ଏ ଦେହ ନ ରହିଲା । ତେଣୁ ବିଦେହ ବୋଲାଇଲା ।। ବିଦେହ ରାଜା ଜୀବ ହୋଇ । ନବଗ୍ରହଙ୍କ ଦୀକ୍ଷା ପାଇ ।। କହିଲେ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଏକଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।



**ଅର୍ଜୁନ ଉବାଚ :** ଅର୍ଜୁନ ମନର ବିକଳେ । ପଡ଼େ ଗୋବିନ୍ଦ ପାଦତଳେ ।। ଭୋ ନାଥ କମଳା ରମଣ । ଶରଣ ପଞ୍ଜର ତୋ ନାମ ।। ଅବ୍ୟକ୍ତ ରୂପ ନିରାକାର । ଅନନ୍ତ ଶିରେ ତୋ ବିହାର ।। କାଳ ଶରୀରୁ ଆତ୍ମା ଜାତ । ସେ ତୁହେଁ ବିଷ୍ଣୁ ମାୟାଗ୍ରସ୍ତ ।। କାଳ ସ୍ୱଭାବ ଶିଷ୍ୟ ଭାବ ।। ଆତ୍ମାଟି କି ରୂପ ସମ୍ଭବ । ଏ କଥା କହ ନାଥ ମୋତେ ।। ନମଇଁ ତୋର ପାଦଗ୍ରତେ ।୬।

ଚକାର ବିନ୍ଦୁରୂପେଣ ସର୍ବ ସୃଷ୍ଟି ପ୍ରକାଶୟତେ

ଅର୍ଦ୍ଧମାତ୍ରା ମହାବାଳ ଗ୍ରଥିତ୍ୟ ବିନ୍ଦୁ ରୂପକଂ ।।

**ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ଅନ୍ୟକଥା । ଯେହ୍ନେ ଖଣ୍ଡିବ ଭବବ୍ୟଥା ।। ଅରୂପ ବ୍ରହ୍ମ ଯେ ବୋଲାଇ । ବ୍ରହ୍ମାଣ୍ଡ ପୂରି ଅଛିତହିଁ ।। ସେ ସେ ନୀଳବର୍ଣ୍ଣ ପ୍ରାୟେ ଜ୍ୟୋତି । ସେଠାରୁ ବିନ୍ଦୁ ଯେ ଉତ୍ପତ୍ତି ।। ସେ ବିନ୍ଦୁ ଆତ୍ମା ଜୀବ ହୋଇ । ଅର୍ଦ୍ଧମାତ୍ରା ଉପରେ ରହି ।। କାଳଟି ଅର୍ଦ୍ଧମାତ୍ରା ହୋଇ । ରଜ ବୀଜଟି ସେ ଅଟଇ ।। ବିନ୍ଦୁଟି ଜୀବଆତ୍ମା ହୋଇ । କାୟା କଳ୍ପନା ଦେହପାଇ ।। ସେ ଜୀବ ଈଶ୍ୱର ହୁଅଇ । ବ୍ରହ୍ମାଣ୍ଡ ଭୂଗୋଳ କହଇ ।। କହଇ ବଳରାମ ଦାସ । ଈଶ୍ୱରପାଦେ ମୋର ଆଶ ।୧୪। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଦ୍ୱିଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ଶିରେ ଦେଇ କର । ବୋଲଇ ଶୁଣ ଚକ୍ରଧର ।। ଜଳ ପାଷାଣ ପ୍ରାୟେ ମଜ୍ଜେ । ଗଜ ବନ୍ଧନ ଯେହ୍ନେ ଗଜେ ।। ଏ ପାଦ ଅର୍ଥ କହ ଫେଇ । ବ୍ରହ୍ମାଣ୍ଡ ଭୂଗୋଳ ବୁଝାଇ ।।

**ଶ୍ରୀ ଭଗବାନୁବାଚ**

ଓଁକାର ସର୍ବ ବ୍ୟାପିତଂ ଯେନ ଭବନେ ଦୃଶ୍ୟତେ
ଓଁ ଭାବେମାତୃ ଗର୍ଭେନ, ରଜୋବୀର୍ଯ୍ୟ ସମନ୍ୱୁକ୍ତ ।।

ଶୁଣ ଅର୍ଜୁନ ମନ ଦେଇ । ବ୍ରହ୍ମାଣ୍ଡ ଭୂଗୋଳରେ କହି ।୪। ତାହାର ରଜ ଜଳ ହୋଇ । ପିତା ବୀଜଟି ପାଷାଣ ହିଁ ।୫। ଗଜଟି ରଜଭାଗ ଜାଣ । ବୀଜ ଭାଗଟି ଗଜ ପୁଣ ।୬। ରଜ ଯେ ମାତା ଗର୍ଭେ ଥାଇ । ତହିଁ ପିତା ବୀଜ ପଡ଼ଇ ।୭। ବୀଜଟି ରଜବନ୍ଦୀ କଲା । ଏମନ୍ତେ ବନ୍ଧନେ ପଡ଼ିଲା । କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।୯। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ତ୍ରିଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ** : ଅର୍ଜୁନ ମନେ ମନେ ଗୁଣି । କହଇ ଶୁଣ ଚକ୍ରପାଣି ।୧। ପୁଣ୍ୟ କରିବ ପୁଣ୍ୟକାଳେ । ନିଷେଧ ନ କରିବ ତାଳେ ।୨। ପୁଣ୍ୟକାଳଟି କେ ଅଟଇ । କେମନ୍ତ ପୁଣ୍ୟ ସେ କରଇ ।୩। ଏ ଅର୍ଥ ଫେଡ଼ି ମୋତେ କହ । ମନରୁ ଫେଡ଼ ମୋ ସନ୍ଦେହ ।୪। ଏମନ୍ତ ବାକ୍ୟ ଶୁଣି କର୍ଣ୍ଣେ । କହନ୍ତି କମଳ ଲୋଚନେ ।୫। **ଶ୍ରୀ ଭଗବାନୁବାଚ** : ଶୁଣ ଅର୍ଜୁନ ତୋଷ ମନେ। ତୋତେ କହିବା ଦିବ୍ୟଜ୍ଞାନେ ।୬। ମାତାର ପଦ୍ମ ଫୁଟିଥାଇ । ସେ ଦିନ ପୁଣ୍ୟକାଳ କହି ।୭। ସେ ଦିନ ପିତା ବୀଜ ଦେବ । ଆର ଦିନରେ ନ ଛୁଇଁବ ।୮। ଏପରି ଅର୍ଥ ତତ୍ତ୍ୱସାର । ଶୁଣ ଅର୍ଜୁନ ମହାବୀର ।୯। କହିଲେ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।୧୦।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ଚତୁଃଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।

...●...



**ଅର୍ଜୁନ ଉବାଚ** : ଅର୍ଜୁନ ବେନିକର ଯୋଡ଼ି । କୃଷ୍ଣ ଚରଣ ତଳେ ପଡ଼ି ।। ନାରଦ ମୁନି ଏକଦିନେ । ଗଲେ ବାସୁଦେବ ଭୁବନେ ।। ପବିତ୍ର ପବିତ୍ର ଜଳେ ପାଦ ଧୋଇ । ଆସନେ ବସାଇଲେ ନେଇ ।। ପବିତ୍ର ଜଳ କେହୁ ପୁଣ । ଏ ବାକ୍ୟ କହ ଭଗବାନ ।।

**ଶ୍ରୀ ଭଗବାନୁବାଚ** : କହନ୍ତି କମଳଲୋଚନ । ଶୁଣ ଅର୍ଜୁନ ଦେଇ ମନ ।। ନାରଦେ ବାସୁଦେବ ଦେଖି । ମନ ଆନନ୍ଦେ ହୋଇ ସୁଖୀ ।। ଆନନ୍ଦେ ମନ ଗଦଗଦ । ବୋଲଇ ଶୁଣ ହେ ନାରଦ ।। କୃଷ୍ଣ ମହିମା ମୋତେ କହ । ମନ ମୋ ସନ୍ତୋଷ କରାଅ ।। ଏତେକ ବୋଲୁ ପାଦଧରି । ବେନି ନୟନୁ ବହେ ବାରି ।। ନୟନୁନୀର ଯେ ବହଇ । ନାରଦ ପାଦେ ପଡ଼େ ଯାଇ ।। ପବିତ୍ର ଜଳ ସେ ଅଟଇ । ବ୍ରହ୍ମାଣ୍ଡ ଭୂଗୋଳରେ କହି ।। ଏ ପଦ ଅର୍ଥର ବିଚାର । କହିଲେ ପ୍ରଭୁ ଅର୍ଥସାର । **ଶ୍ରୀ ଭଗବାନୁବାଚ** : ଚୈତନ୍ୟ ବାସୁଦେବ କହି । ତାର ଭବନ ଜ୍ୟୋତି ହୋଇ । ନାରଦ ମନ ହେ ଅର୍ଜୁନ । ପବିତ୍ର ଜଳ ରଜ ଜାଣ ।। ମନରୁ ପବନ ଖସଇ । ପବିତ୍ର ଜଳରେ ପଡ଼ଇ ।। ଏମନ୍ତେ ଅର୍ଥର ସନ୍ଦେଶ । ଭଣିଲେ ବଳରାମ ଦାସ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ପଞ୍ଚଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ** : ଅର୍ଜୁନ ପୁଣି ପଚାରଇ । ବିନୟଭାବେ ତ୍ରାହି ତ୍ରାହି ।। କଥାଏ ମୋ ମନେ ପ୍ରବେଶ । କହିବା ହେଉ ଏ ସନ୍ଦେଶ ।। କପୋତକପୋତୀ ବାଳକ । ଘେନିଣ ଚଳିଲା ଲୁବ୍‌ଧକ । ଶବର ଜାଲରେ ପଡ଼ିଲା ।। ଏକଥା ସଂଶୟ ଲାଗିଲା ।। କପୋତ କପୋତୀ କେ ପୁଣ । ବାଳକ କେହୁ ତା ପ୍ରମାଣ ।। ଶବର କେଉଁଠାରେ ଥିଲା । ଆହାର କେହୁ ବୋଲାଇଲା ।। ଜାଲ ବୋଲିଣ ସେ କେମନ୍ତ । ଚାରି ଦିଗଟି କେହୁ ତତ୍ତ୍ୱ । ବୃକ୍ଷ ଯେ କେଉଁଠାରେ

ଥିଲା । ବନ କେମନ୍ତେ ବୋଲାଇଲା । ଏ ଅର୍ଥ ଫେଡ଼ି ମୋତେ କହ । ମନରୁ ଫେଡ଼ ମୋ ସନ୍ଦେହ ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ମନ ଦେଇ । ଉତ୍ତମ ଶିଷ୍ୟେ ଗୁରୁ କହି ।। ବୃକ୍ଷ ବୋଲିଣ ବେଦ ଜାଣ । ଜୀବ ପରମ ପକ୍ଷୀ ପୁଣ ।। ଜୀବଟି କପୋତ ହୋଇଲା । କପୋତୀ ପରମକୁ କଲା ।। ଏ ବୃକ୍ଷେ ବେନି ପକ୍ଷୀଥାନ୍ତି । ଏକ ଆରେକ ବିହରନ୍ତି ।। ପରମ ଶୂନ୍ୟ ତାର ବାସ । ସକଳଭାବେ ସେ ଉଦାସ ।। ନିରତେ ପକ୍ଷୀ ରୂପେ ଥାଇ । ବାସନା ଭୋଗେ ତୋଷ ହୋଇ ।। ରାମ ନାମଟି ତାହାଙ୍କର । ସାକ୍ଷୀ ସ୍ୱରୂପ ତା ବିହାର ।। କପୋତ ମାୟାରେ ବିହରେ । ନିରତେ ନାନାକର୍ମ କରେ ।। ମତ୍ତ ଗର୍ବରେ କର୍ମ କରି । ସ୍ତିରୀ ସଙ୍ଗତେ ନିତ୍ୟ ପଡ଼ି ।। ଏସନ ପ୍ରାଣୀ ଯାଏ ନାଶ । ଶୁଣ ଅର୍ଜୁନ ଜ୍ଞାନରସ ।। ପ୍ରଳୟ କାଳରେ ଏ କଥା । ଶୁଣିବାକୁ ତୁ ସାମରଥା ।। କାଳଟି ଶବରକୁ କହି । ସନ୍ନିପାତଟି ଜାଲ ହୋଇ ।। ବେନି ବାଳକ ଚକ୍ଷୁ ପୁଣ । ଆହାର ରାକ୍ଷସଟି ଜାଣ । ଏ ଦେହ ବନବୋଲି କହି । କର୍ଣ୍ଣ ନାସିକା ଦିଗ ହୋଇ ।। ସନ୍ନିପାତଟି ଆକର୍ଷଇ । ଏମନ୍ତେ ପ୍ରଳୟ ହୁଅଇ । ମୁଖ ନାସିକା ଚକ୍ଷୁ କର୍ଣ୍ଣ । ଏ ଚାରିଦିଗ ହୋଇ ଶୂନ୍ୟ ।। ରାଆ ଶବଦଟି ହଜିଲା । ଜୀବ ପରମ ଖୋଜିଗଲା ।। କପୋତ କପୋତୀ ମିଳନ୍ତି । ଚାରିଦିଗକୁ ସେ ଗମନ୍ତି ।। ସମସ୍ତେ ବୃକ୍ଷ ଛାଡ଼ିଗଲେ । ଓଁକାର ଶବଦେ ମିଳିଲେ ।। ଶବଦ ଘେନି ଚଳିଗଲା । ନିଜ ଭୁବନରେ ଥୋଇଲା ।। ଶୁଣି ଅର୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ଷଟଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।



**ଅର୍ଜୁନ ଉବାଚ :** ଅର୍ଜୁନ ବୋଲାଇ ଗୋସାଇଁ । ଆହୁରି ପଦେକ ଅଛଇ । କପୋତୀ ଡିମ୍ବେକ ଦିଅଇ । ବେନି ବାଳକତହୁଁ ଶୋଇ ।। ଏକ ଡିମ୍ବରୁ ବେନି ଛୁଆ । ଫେଡ଼ି କହିବ ଚଉବାହା ।। **ଶ୍ରୀ ଭଗବାନୁବାଚ :** କହନ୍ତି ପ୍ରଭୁ ଦଇତାରି । ଶୁଣ ଅର୍ଜୁନ ହେତୁକରି ।। ଶୂନ୍ୟରୁ ବିନ୍ଦୁ ଯେ ଖସିଲା ।। ମାତାର ପଦ୍ମରେ ପଡ଼ିଲା । ସେ ରଜବୀର୍ଯ୍ୟ ଏକଠାରେ । ହୋଇଲା ଡିମ୍ବ ଏ ପ୍ରକାରେ ।। କେତେକ ଦିନ ତହିଁ ଗଲା । ସେ ଡିମ୍ବ ବେନିଫାଳ ହେଲା ।। ଜୀବ ପରମ ବେନି ହୋଇ । ରାଆ ସେ ମାଆଟି ବୋଲଇ ।। ଶରୀର ଡିମ୍ବ ବୋଲାଇଲା । ବେନି ବାଳକ ଚକ୍ଷୁ ହେଲା ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ସପ୍ତଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ବୋଲଇ ଗୋସାଇଁ । କଥାଏ ପଚାରିବି ମୁହିଁ ।। ପରମବ୍ରହ୍ମ ନିରାକାର । ପୁରୁଷୋତ୍ତମ ଚକ୍ରଧର ।। ହେ ଦୀନବନ୍ଧୁ ଦଇତାରି । ପଦ୍ମନୟନ ଗଦାଧାରୀ ।। ହେ ନୀଳଗିରି ନାରାୟଣ । ଭକ୍ତକୁ ଯାଚୁ ତୁ ଶରଣ ।। ବ୍ରହ୍ମାଣ୍ଡ ଭୂଗୋଳ ପୁଚ୍ଛଇ ଅର୍ଜୁନ ପୁଣି ପଚାରଇ । ପିଙ୍ଗଳା ପୂର୍ବଜନ୍ମ କାହିଁ ।। ମୋତେ କହିବା ଭାବଗ୍ରାହୀ ।। ତାର କି ପୂର୍ବଭାଗ୍ୟ ଥିଲା । ଚିତ୍ତରେ ଚୈତନ୍ୟ ଜନ୍ମିଲା ।। **ଶ୍ରୀ ଭଗବାନୁବାଚ :** କହଇ କମଳାର ବର । ଶୁଣ ଅର୍ଜୁନ ମହାବୀର ।। ପୂର୍ବେ କର୍ମଠ ନୃପବର । ଦିନେ ଦେଖିଲା ତପୀବର ।। ମାତଙ୍ଗ ଋଷିଙ୍କ ବନରେ । ପ୍ରବେଶ ହୋଇ ଧାଡିକାରେ ।। ମାତଙ୍ଗ ମହାଋଷି ପତ୍ନୀ । ସତୀରେ ଗଣିକା କାମନୀ ।। ରାଜା ବୋଇଲେ ଚଣ୍ଡେଚାଳ । ଋଷିଭାରିଯା ତୁମ୍ଭେ ହର ।। ରାଜା ଆଜ୍ଞାରେ ଚଳେଚଣ୍ଡ ।

ଅତି ଦୁଷ୍ଟ ସେ ପରଚଣ୍ଡ ।। ଋଷିପତ୍ନୀଙ୍କୁ ସେ ହରିଲା । ଧର୍ମ ପଥକୁ ସେ ଛାଡ଼ିଲା ।। ତହୁଁ ସେ ଋଷ କ୍ରୋଧହୋଇ । କୋପେ ବୋଇଲେ ରାଜା ଚାହିଁ ।। ଏ ଦୋଷେ ହେଉ ତୋ ମରଣ । ଜନ୍ମୁଟୁ ପିଙ୍ଗଳା ହୋଇଣ ।। ଏମନ୍ତ ଋଷି ଶାପ ଘେନି । ବୋଲେ କର୍ମଠ ନୃପମଣି ।। କେମନ୍ତେ କାରଣ ପାଇବି । ବେଶ୍ୟା ଜନ୍ମରୁ ମୁଁ ତରିବି ।। ଋଷି ବୋଇଲେ ରାଜପୁତ୍ର । ଆମ୍ଭର ବଚନ ଏ ସତ୍ୟ ।। ବିଷ୍ଣୁ ଭକତ ତୁ ହୋଇବୁ । ଏ ଘୋର ସଂସାରୁ ତରିବୁ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ଅଷ୍ଟଚତ୍ୱାରିଂଶୋଽଧ୍ୟାୟଃ** ସମାପ୍ତ ।

---

**ଅର୍ଜୁନ ଉବାଚ :** ଅର୍ଜୁନ ବିନୟ ଭାବରେ । ପଡ଼ଇ କୃଷ୍ଣର ପୟରେ ।। ହେ ନାରାୟଣ ଦୀନବନ୍ଧୁ । ଉଦ୍ଧାର ତୋର ମାୟାସିନ୍ଧୁ ।। ପରମାର୍ଥରେ ଯେ କହିଲ। ଶରୀର ଅର୍ଥ ଗୁପ୍ତ କଲ ।। ଶରୀର ପିଙ୍ଗଳ କେ କହି । ଧନୀକି କେ ଅବା ଅଟଇ ।। ପଥେ ଯେ ଆତଯାତ ହେଲା । ତାକୁ ନୟନେ କେ ଦେଖିଲା ।। ତୁଚ୍ଛ ପୁରୁଷ କେ ଅଟଇ ।। ପ୍ରାଣନାଥଟି କେ ବୋଲାଇ । ନିଜ ଦେହଟି କେହ୍ନେ ପୁଣ । ଦ୍ୱାରଟି କେ ଅଟଇ ଜାଣ ।। ନିର୍ଣ୍ଣୟ କରି ମୋତେ କହ । ମନରୁ ଫେଡ଼ ମୋ ସନ୍ଦେହ ।। **ଶ୍ରୀ ଭଗବାନୁବାଚ :** କହନ୍ତି ଜଗତ ସୋଦର । ଶୁଣ ଅର୍ଜୁନ ତତ୍ତ୍ୱସାର । ଜୀବଟି ପିଙ୍ଗଳା ଅଟଇ ।। ଧନୀ ପୁରୁଷ ମନ କହି ।। ଯହୁଁ ହୋଇଲା ପ୍ରାତକାଳ । ଶରୀରେ ଘୋଟିଲାକ କାଳ ।। କାଳ ଘୋଟନ୍ତେ ଜୀବଗଲା । ଶରୀର ଶୂନ୍ୟ ଯେ ହୋଇଲା ।। ଏ ଦେହୁଁ ଛାଡ଼ିଯାନ୍ତେ ମନ । ପିଙ୍ଗଳା କରଇ ଭ୍ରମଣ ।। ମଥ ଶବଦ ଗୃହ କହି ।। ରାଆ ଶବଦ ଦୂର ହୋଇ ।



ଗୃହ ବାହାରେ ପୁଣ ପୁଣ । ପିଙ୍ଗଳା କରଇ ଭ୍ରମଣ ।। ପକ୍ଷୀ ଯେ ଅକାଟ ଅଟଇ । ଶୂନ୍ୟ ଶବଦେ ଖେଳୁଥାଇ ।। ଚକ୍ଷୁ ପୁରୁଷେ କାମ ଅର୍ଥ । ଜ୍ୟୋତି ପୁରୁଷ ପ୍ରାଣନାଥ ।। ଅନେକ ବେଳ ପରିଯନ୍ତେ । ପିଙ୍ଗଳା ଚାହୁଁଥିଲା ପଥେ ।। ଯହୁଁ ଯେ ଧନ ନ ଅଇଲା । ପିଙ୍ଗଳା ମନେ ବିଚାରିଲା ।। ବୋଲଇ ଅନ୍ୟ କାର୍ଯ୍ୟ ନାହିଁ। କୃଷ୍ଣ ଚରଣେ ଯିବି ମୁହିଁ ।। ଏତେକ ହୃଦରେ ପାଞ୍ଚିଲା । ନୟନଟେକି ଅନାଇଲା ।। ଦେଖିଲା ପରଂବ୍ରହ୍ମ ଜ୍ୟୋତି । ପଦ୍ମପାଦରେ କଲା ସ୍ତୁତି ।। ଆହେ ସୁଜନ ଜନେ ଶୁଣ । ପିଙ୍ଗଳା ଦୀକ୍ଷା ମନେ ଘେନ ।। ଭଣିଲେ ବଳରାମ ଦାସ । ପିଙ୍ଗଳା ପାଦେ ମୋର ଆଶ ।। ଇତିଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଊନପଞ୍ଚାଶତୋଽଧ୍ୟାୟଃ** ସମାପ୍ତ ।

---

**ଅର୍ଜୁନ ଉବାଚ :** ବୋଲେ ଅର୍ଜୁନ ଶୁଣ ହରି । ସଂଶୟ ଅଛଇ ମୋହରି ।। ଚବିଶ ଗୁରୁଙ୍କ ସମ୍ବାଦ । ଫେଡ଼ି କହିବ ତତ୍ତ୍ୱବୋଧ ।। ମୀନ ପିଙ୍ଗଳା ବେଶ୍ୟା ନାରୀ । କୁକୁର ବ୍ରାହ୍ମଣ କୁମାରୀ ।। ହରିଣୀ ଉର୍ଣ୍ଣନାଉ ଭରି । ସରକାରକ ମଧୂହାରୀ ।। ଯେ ଯେତେ କୀଟ ସେ ସଂସ୍କାରି । ଚବିଶ ଗୁରୁ ହେଲା ସରି ।। ନିର୍ମାୟା କରିଣ କହିବା । ଯେତେ ଘେନିବ ମୋରସେବା ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ମନ ଦେଇ । କହିବା ଭାଗବତ ଫେଇ ।। ବ୍ୟକ୍ତ ତୁ ନ କରିବୁ କାହିଁ । ମୋ ପାଦପଦ୍ମ ଥାଅ ଛୁଇଁ ।। ଚବିଶ ଗୁରୁଙ୍କର ବାଣୀ । ତୋତେ କହିବା ପରିମାଣି ।। କୁକୁର ପକ୍ଷୀ ଯାହାକହି । ପବନ ବୋଲି ତାହାକୁହିଁ ।। ଜୀବଟି ବୀଜ ବୋଲି ଜାଣ । ଭବ ଯେ ମାଂସ ପରିମାଣ ।। ତାହାର ସ୍ୱାଦ ଲୋକ ଜାଣି । ବନ୍ଦୀ କରନ୍ତି ଗୃହେ ଆଣି ।। ରଜରେ ବୀଜକୁ ଭୁଞ୍ଜଇ । ପଚମ ପକ୍ଷୀ କ୍ଷୟ ଯାଇ ।। ଅଜଗରକୁ ଭବକହି । ପୁଣ୍ୟକାଳରେ ସେ ଭକ୍ଷଇ ।।

ଅନ୍ୟ ଦଗରେ ଥାଇ ଭୋକେ । ସର୍ବ ଦେଖାଇ ପକ୍ଷୀ ରୂପେ । ଇନ୍ଦ୍ର ଯେ ଜିହ୍ବା ହୋଇଗଲା । ରାମ ନାମଟି ସେ ରଟିଲା ।। ଏମନ୍ତେ ସଞ୍ଚୟ ଅନେକ । କେବଣ ମଣେ ଆତ୍ମା ସୁଖ ।। ଏମନ୍ତ ପ୍ରାଣ ଯାଇ ହତ । ତୋ ଆଗେ କହିଲୁ ନିୟତ ।। ନାନା ପୁଷ୍ପରୁ ମଧୁ ଆଣି । ସଞ୍ଚୟ ନିଜପୁରେ ପୁଣି ।। ଏ ଅନ୍ତେ ଶୁଣ ହେ ଅର୍ଜୁନ । ବ୍ୟକ୍ତ ନିଜର ତୁହି ପୁଣ ।। ନିଜ ଗୃହଟି ପଦ ହୋଇ । ପବନ ଫଣା ବୋଲେ କହି ।। ପୁଷ୍ପ ଯେ ଚକ୍ଷୁ ବୋଲି ଜାଣ । ସେଠାରୁ ଧରାବୃକ୍ଷେ ପୁଣ ।। ବିନ୍ଦୁକୁ ମଧୂ ବୋଲି କହି । ଅର୍ଜୁନ ମନ ଦେଇ ଦେଇ ।। ଅନେକ ଶ୍ରମେ ତା ସଞ୍ଚଇ । ନିଶି ଦିବସେ ଦୁଃଖ ସହି ।। ଆପଣେ ମଧୁପୁଷ୍ପ ନେଇ । ସଞ୍ଚୟ ଅତି ମୂଢ଼ ହୋଇ ।। ଏଣୁଟି ପ୍ରାଣୀ ଯାଇ ହତ । ବିଘ୍ନ ତାହାକୁ ପରାପତ ।। ଚବିଶ ଗୁରୁଙ୍କୁ ପାଇବ । ତାହାଙ୍କ ପାଦେ ଭକ୍ତି ଥିବ ।। କହନ୍ତି ପ୍ରଭୁ ଜଗନ୍ନାଥ । ଶୁଣ ହେ ଯୁଧିଷ୍ଠିର ଭ୍ରାତ ।। ଶୁଣି ଅର୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ପଞ୍ଚାଶତୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ** : ଅର୍ଜୁନ ବୋଲଇ ଗୋସାଇଁ । କଥାଏ ମନେ ପଡ଼ିଲଇଁ ।। ଯେସନେ ଶରକୃତ ପଥେ । ଶରବିନ୍ଧଇ ହେଠୁ ମାଥେ ।। ତାର ନିକଟେ ରାଜାଗଲା ।। କେବେ ହେଁ ତାହା ନ ଜାଣିଲା । ଶର ପଥଟି କେ ହୋଇଲା । କେବଣ ରାଜା ପାଶେଗଲା ।। ଏ ଅର୍ଥ ଫେଡ଼ି ମୋତେ କହ । ମନରୁ ସଂଶୟ ଫିଟାଅ ।। **ଶ୍ରୀ ଭଗବାନୁବାଚ** : ଶର ଯେ ପବନ ଅଟଇ । ମାତା ପିତାକୁ ପଥ କହି ।। ଅତି ଯତ୍ନରେ ବାନ୍ଧିଥିଲା । ଶୂନ୍ୟରେ ବିନ୍ଦୁ ସେ ଖସିଲା ।। ଜୀବ ସଙ୍ଗରେ ମନ ଗଲା । କେବେ ହେଁ ତାହା ନ ଜାଣିଲା ।। ଶୁଣି ଅର୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।।



ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ଏକପଞ୍ଚାଶତୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ** : ଅର୍ଜୁନ ପୁଣି ପଚାରଇ । ଏ କଥା ମନେ ପଡ଼ିଲଇଁ ।। କମଳ ମଧ୍ୟେ ଭୃଙ୍ଗ ଯେହ୍ନେ । ମତ୍ତ ହୋଇଣ ମଧୂ ପାନେ । ଲୋଭେ କେମନ୍ତ ନ ଛାଡ଼ିଲେ । ମର୍ତ୍ତ୍ୟରେ ବନ୍ଧନେ ପଡ଼ିଲେ ।। ଏ ପଦ ଅର୍ଥ ଫେଡ଼ି କହ । ଶୁଣିଲେ ସ୍ଥିର ହେବ ଦେହ ।

**ଶ୍ରୀ ଭଗବାନୁବାଚ** : ଅର୍ଜୁନ ବଚନେ ମୁରାରି । କହନ୍ତି ଭୂଗୋଳ ବିସ୍ତାରି ।। କମଳ ପୁଷ୍ପ ମଧୁ କହି । ଭୃଙ୍ଗ ଯେ ପବନ ଅଟଇ ।। ରଜ ବୀଜଙ୍କ ମଧ୍ୟେ ଥିଲା । ମୁଦ୍ରିତ ହୋନ୍ତେ ବନ୍ଦୀ ହେଲା । ଶୁଣି ଅର୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ଦ୍ୱିପଞ୍ଚାଶତୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ** : ଅର୍ଜୁନ ବୋଲଇ ଗୋସାଇଁ । କଥାଏ ମନେ ପଡ଼ିଲଇଁ ।। ପୂର୍ବେ ସେ ଅବନ୍ତୀ ନଗରେ । କନ୍ୟାଏ ଥିଲା ବିପ୍ରଘରେ ।। ସେ କନ୍ୟା କାହିଁ ଜାତ ହେଲା । ଏକଥା ସନ୍ଦେହ ଲାଗିଲା ।

**ଶ୍ରୀ ଭଗବାନୁବାଚ** – କହନ୍ତି ପ୍ରଭୁ ଭଗବାନ । ଶୁଣି ଅର୍ଜୁନ ଦିବ୍ୟଜ୍ଞାନ ।। ପୂର୍ବେ ସେ ଦକ୍ଷ ପ୍ରଜାପତି । ତା'ର କୁମାରୀ ହାରାମତୀ ।। ମାତା ପିତାଙ୍କୁ ନ ମାନିଲା । ନବଗ୍ରହଙ୍କୁ ସେ ବରିଲା । ତା ଶୁଣି ଦକ୍ଷ ପ୍ରଜାପତି । ଝିଅଙ୍କୁ ଅଭିଶାପ ଦ୍ୟନ୍ତି । ଅବନ୍ତୀ ନଗରେ ଜନ୍ମିବୁ । ନବବ୍ରାହ୍ମଣଙ୍କୁ ବରିବୁ । ଏହାଙ୍କ ସଙ୍ଗ ନ କରିବୁ । ଧ୍ୟାନରେ ଶ୍ରୀକୃଷ୍ଣ ପାଇବୁ । ଏକଥା ପରମାର୍ଥେ ଭଣି । ଶରୀର ଅର୍ଥ ଶୁଣ ପୁଣି ।। ବିଦେହ ନଗ୍ର ହେଲା ଦେହୀ । ବିପ୍ରଟି ଯଜ୍ଞରୂପେ ରହି । ଶବ୍ଦ ରାଆଯେ ପିତା ତାର ହେଲା ।। ମାଆଟି ମାତା ବୋଲାଇଲା । ଶବ୍ଦ

କନ୍ୟା ଯେ ଅଟଇ । ପ୍ରକୃତ ଧ୍ୟାନ ବୋଲି କହି ।। ଅରୂପାନନ୍ଦଙ୍କୁ ଚିହ୍ନିଲା । ସେ କନ୍ୟା ବାୟୁରୁ ତରିଲା ।। ଶୁଣି ଅର୍ଜୁନ କରଯୋଡ଼ି । କହେ ଗୋବିନ୍ଦ ପାଦେ ପଡ଼ି ।। ରୋଳ ମୂଷଳ କେ ଅଟଇ । ଏ କଥା କହ ଭାବଗ୍ରାହୀ ।। ଅର୍ଜୁନ ବଚନେ ମୁରାରି । କହନ୍ତି ଭୂଗୋଳ ବିସ୍ତାରି ।। ରୋଳ ଯେ ମନ ବୋଲାଇଲା । ପବନ ମୂଷଳ ହୋଇଲା । କଙ୍କଣ ଅଷ୍ଟପାଟି ଜାଣ । ମୁଖ ନାସିକା ଚକ୍ଷୁ କର୍ଣ୍ଣ । ଏମନ୍ତ ଅଷ୍ଟ ଯେ କଙ୍କଣ । ତୁ ତାହା ଗଣ୍ଠି କରି ଘେନ ।। ଯହୁଁ ଯେ ଧ୍ୟାନରେ ବସିଲା । ଷଡ଼ କଙ୍କଣ ଫିଟାଇଲା । ନାସିକା ରନ୍ଧ୍ରେ ଯେ କଙ୍କଣ । ରହିଲା ଏ ଦୁଇ ପ୍ରମାଣ ।। ଭଣିଲେ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ତ୍ରିପଞ୍ଚାଶତୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଆହେ ଗୋବିନ୍ଦ ପୀତବାସ । ଶରଣ ଗଲି କରି ଆଶ ।। ସ୍ତ୍ରୀ ଶୂଦ୍ର ପତିତ ଚାଣ୍ଡାଳେ । ତରିଲେ ସାଧୁ ସଙ୍ଗ ମେଳେ ।। ସ୍ତିରୀ ଯେ କେହୁ ବୋଲାଇଲା । ପତିତ ଶୂଦ୍ରକେ ହୋଇଲା ।। କେବଣଠାରେ କାହିଁ ଥିଲେ । ଏହାକୁ କେମନ୍ତ ଜାଣିଲେ ।। ଏକଥା କହ ଦାମୋଦର । ନମଇଁ ଚରଣେ ତୁମ୍ଭର ।। **ଶ୍ରୀ ଭଗବାନୁବାଚ :** ଅର୍ଜୁନ ବଚନେ ମୁରାରି । କହନ୍ତି ଭୂଗୋଳ ବିସ୍ତାରି ।। ଶୁଣ ଅର୍ଜୁନ ତତ୍ତ୍ୱ ରସ । ଯେଣେ ତୋହର ପାପ ନାଶ । ନାରକା ବୋଲି ପ୍ରଭୁ ନାମ । ଯହିଁ କପିଳ ସାଧୁ ନାମ । ସେ ସାଧୁ ନଗର ଉପାନ୍ତ । ସ୍ଥାପିଣ ଏକଇ ଅଶ୍ୱତ୍ଥ ।। ନିତ୍ୟେ ସେ ବୃକ୍ଷମୂଳେ ଥାନ୍ତି । ସୁଖେ ଗୋବିନ୍ଦ ନାମ ଗାନ୍ତି ।। ଏକ ସ୍ତିରୀଏ ଗ୍ରାମୁ ଯାଇ । ତଣ୍ଡୁଳ ସାଧୁଙ୍କୁ ସେ ଦେଇ ।। ସାଧୁଙ୍କୁ ନୟନେ ଦେଖଇ । କର୍ଣ୍ଣରେ ନାମ ଶୁଣୁଥାଇ ।। ମଧୁଆ ନାମେ ଶୂଦ୍ର ଯାଇ । ସାଧୁଙ୍କୁ ନୟନେ ଦେଖଇ ।। ପତିତ ବୋଲି ଏକ ଥିଲା । ପାପରେ



ବେଶ୍ୟା ସେ ହୋଇଲା ।। କାହିଁ ସେ ନ ପାରଇ ଯାଇ । ସାଧୁଙ୍କ ସଙ୍ଗେ ପଡ଼ିଥାଇ ।। ମୃଦୁ ଚାଣ୍ଡାଳ ତହିଁ ଥିଲା । ବଶିଷ୍ଠ ଋଷି ଶାପ ଦେଲା ।। ତେଣୁ ସେ ଚାଣ୍ଡାଳ ହୁଅଇ । ମୃଗୟା ବିନୋଦରେ ଯାଇ ।। ଯୋଗେଣ ସାଧୁଙ୍କୁ ଯେ ଦେଖି । ଆନନ୍ଦ ଭାବେ ହେଲା ସୁଖୀ ।। ସକଳତେଜି ସେ ରହିଲା । ସାଧୁଙ୍କ ଚରଣେ ଖଟିଲା ।। କେତେ ହେଁ ଦିନ ତହୁଁ ଗଲା । ସାଧୁଙ୍କ ପ୍ରାଣତ୍ୟାଗ ହେଲା । ମେନକା ଅପସରୀ ସୁତ । ନାମ ତାହାର ସୁଦଳିତ ।। ସାଧୁଙ୍କୁ ବଚନ ବୋଇଲା । ରଥ ଘେନିଣ ଚଳିଗଲା ।। ସାଧୁ ବୋଇଲେ କଥା ଶୁଣ । ଆମ୍ଭର ସଙ୍ଗେ ଚାରିଜଣ ।। ଯେବେ ସେ ରଥରେ ବସିବେ । ଆମ୍ଭେ ବସିବୁ ଭଲେ ତେବେ ।। ସ୍ୱଦେହ ଘେନି ସେ ଚଳିଲେ । ଅଦେହ ସାଧୁ ବିଜେକଲେ ।। ସେ ପାଞ୍ଚଜଣ ସଙ୍ଗେ ଯାଇ । କୃଷ୍ଣର ପାଦେ ଲୀନ ହୋଇ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ । ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଚତୁଃପଞ୍ଚାଶତୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଶୁଣି ଅର୍ଜୁନ ଯେ ଅନାଇ । ପୁଣି ଶ୍ରୀକୃଷ୍ଣଙ୍କୁ ପୁଚ୍ଛଇ ।। ସ୍ତ୍ରୀ ଶୂଦ୍ର ପତିତ କେ ହୋଇ । ଦେହରେ କହ ଭାବଗ୍ରାହୀ ।। ଚାଣ୍ଡାଳ କେ ପଣ ହୋଇଲା । ଶୂଦ୍ର କେ ଦେହେ ବୋଲାଇଲା ।। ଗୁପ୍ତ ନ କରି ଫେଡ଼ି କହ । ମୋ ମନୁ ଫିଟାଅ ସନ୍ଦେହ ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନର ବଚନ । କହନ୍ତି ଦେବକୀ ନନ୍ଦନ ।। ଶୁଣ ଅର୍ଜୁନ ମନଦେଇ । ମଧୁଆ ଶୂଦ୍ର ନାସା କହି ।। ଚଢ଼କ ବେଶ୍ୟା ଚକ୍ଷୁ କହି । ଶୂଦ୍ରପତିତ ସେ ବୋଲାଇ ।। ମୁଣ୍ଡ ଚଣ୍ଡାଳ ବୋଲି କର୍ଣ୍ଣ । ତ୍ରୟଠୁଳରେ ସାଧୁନାମ ।। ସେ ସାଧୁ ଭଗବାନ କହି । ପରମକୃଷ୍ଣ ସେ ଅଟଇ ।। ମହାଶୂନ୍ୟରେ

ଲୀନହୋନ୍ତି ।। ଏହାକୁ ଉଦ୍ଧବ ଧରନ୍ତି ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ପଞ୍ଚପଞ୍ଚୋଶତୋଽଧ୍ୟାୟଃ** ସମାପ୍ତ ।

---●---

**ଅର୍ଜୁନ ଉବାଚ :** ପୁଣି ଅର୍ଜୁନ ପଚାରନ୍ତି । ଭୋ ନାଥ ଶୁଣ ଯଦୁପତି ।୧। ଏ ଷଡ଼ ଚକ୍ର ଭେଦ ପୁରେ । ଶବଦ ଦ୍ୱାଦଶ ପ୍ରକାରେ ।୨। ଏ ଅର୍ଥ କହ ଭଗବାନ । ମୁଁ ତୁମ୍ଭ ଚରଣେ ଶରଣ ।୩।

**ଶ୍ରୀ ଭଗବାନୁବାଚ :** ଅର୍ଜୁନ ବାକ୍ୟେ ଚକ୍ରଧର । କହନ୍ତି ଭୁଗୋଳ ବିସ୍ତାର ।୪। ଶରୀରେ ଦ୍ୱାଦଶ ଶବଦ । କହିବା ଶୁଣ ଚକ୍ରଭେଦ ।୫।

ନାସାରେ ଶବଦ ଯେ ଦୁଇ । ବେନି କର୍ଣ୍ଣରେ ବେନି ମହୀ ।୬।
ମୁଖରେ ଶବଦେକ ଘେନ । ଗୁହ୍ୟ ଶବଦର ପ୍ରମାଣ ।୭।
ଅର୍ଦ୍ଧ ଜିହ୍ୱା ସଲଖେ ନାଦ । ଦଶ ଶବଦ ଅଟେ ଭେଦ ।୮।
ଠୂଳଶୂନ୍ୟ ଶବ୍ଦ ଶୁଭଇ । ରାଧିକା ଶବ୍ଦ ସେହୁ ହୋଇ ।୯।
ଏହି ଠୂଳ ହୋ ସେ ଶବଦ । ପଦରେ ଭ୍ରମଇ ଯେ ନାଦ ।୧୦।
ସେ ପଦ୍ମ ଭିତରେ ରହଇ । ଏ ଷଡ଼ଚକ୍ର ଭେଦ କହି ।୧୧।
ଅର୍ଦ୍ଧ ଜିହ୍ୱା ସଲଖେ ବାଟ । ପଡ଼େ ତିଳଚୋପା କବାଟ ।୧୨।
ସେ ଦ୍ୱାରୁ ପବନ ବାହାରେ । ଦ୍ୱାଦଶ ଦ୍ୱାରେ ସେ ବିହରେ ।୧୩।
ବସ୍ତୁ ବିକାରେ ଭିନ୍ନ ବାଜେ । ଅନନ୍ତ ଧ୍ୱନି ଶୂନ୍ୟେ ବାଜେ ।୧୪।
କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।୧୫।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
ନାମ **ଷଟ୍‌ପଞ୍ଚାଶତୋଽଧ୍ୟାୟଃ** ସମାପ୍ତ ।

---●---

**ଅର୍ଜୁନ ଉବାଚ :** ପୁଣି ଅର୍ଜୁନ ପଚାରଇ । ଭୋ ନାଥ ଶୁଣ ଭାବଗ୍ରାହୀ ।। ଏ ତିନିପୁରେ ତା ବିଭୂତି । କେଉଁ ସ୍ଥଳରେ ତୋର



ସ୍ଥିତି । ଏ ବାକ୍ୟ କହ ଦାମୋଦର । ନମଇଁ ଚରଣେ ତୁମ୍ଭର ।।

**ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ମନଦେଇ । ଏ ଜ୍ଞାନ ତୋତେ ମୁଁ ବୁଝାଇ ।। କଣ୍ଠମୂଳରୁ ଶିଖା ଯାଏ । ସ୍ୱର୍ଗ ବୋଲିଣ ବେଦ କହେ ।। କଣ୍ଠରୁ କଟୀଯାଏ ହୋଇ । ମର୍ତ୍ତ୍ୟ ବୋଲିଣ ବେଦକହି ।। କଟୀରୁ ପାଦ ଯାଏ ପୂଣ । ପାତାଳ ବୋଲି ହେ ଅର୍ଜୁନ ।। ଶୁଣ ତୁ ଦେହର ବିଚାର । ଯେଣୁ ତୋହର କାୟା ସ୍ଥିର ।। ପାତାଳ ବରୁଣ ନଗର । ସମସ୍ତ ନାଗରଙ୍କ ଘର ।। ମର୍ତ୍ତ୍ୟରେ ଯେମନ୍ତ ବ୍ୟବସ୍ଥା । ଶୁଣ ପାଣ୍ଡବ ମହାରଥା ।। ଗୁହ୍ୟରେ ଗଣେଶ ଯେ ରହି । ଅସୁର ଗୁରୁ ସେହିଠାଇଁ ।। ଲିଙ୍ଗ ଚକ୍ରରେ ଷଡ଼ାକ୍ଷର । ତହିଁରେ କାମେଶ୍ୱର ଘର ।। କାମାକ୍ଷୀ ପକ୍ଷୀ ସେହିଠାରେ । ବସି ଯେ ଅଛି ସେ ସ୍ଥାନରେ ।। ଦଶ ଅକ୍ଷର ନାଭି କହି । ବ୍ରହ୍ମା ନଗର ସେ ଅଟଇ ।। ଶୁଣ ତୁ ହୃଦୟ ବିଚାର । ବସେ ତହିଁ ଦ୍ୱାଦଶାକ୍ଷର ।। ଆପଣେ ପ୍ରଭୁ ଦାମୋଦର । ଲକ୍ଷ୍ମୀଙ୍କି ଘେନିଣ କୋଳର ।। କଣ୍ଠରେ ଈଶ୍ୱର ରହଇ । ପାର୍ବତୀ ଘେନି ବିହରଇ ।। ତହିଁ ଷୋଡ଼ଶାକ୍ଷର ରହେ । ବେନି ଦଳଟି ଆକାଶଏ ।। ଚନ୍ଦ୍ର ସୂର୍ଯ୍ୟର ଏବର୍ଷର । ହଂସ ଭଜୁଛି ବେନିକ୍ଷର ।। ତହିଁ ଉପରେ ଅର୍ଦ୍ଧମାତ୍ରା । ମାତ୍ରା ଉପରେ ଠୂଳ ଚିତା ।। ଠୂଳ ଉପରେ ଶୂନ୍ୟ ରହି । ଶୂନ୍ୟ ଉପରେ ଭାବଗ୍ରାହୀ ।। ସେଠାରେ ଜଗତ ଗୋସାଇଁ । ଅଷ୍ଟଦଳଟି ଯହିଁରହି ।। ତହିଁ ଭିତରେ ଲୀଳା ମୋର । ଶୁଣ ହୋ ପାଣ୍ଡବ କୁମାର ।। ଏମନ୍ତ ଅଟଇ ଅଶେଷ । ମୋର ବିଭୂତି ଲୀଳା ଶେଷ ।। କହଇ ବଳରାମ ଦାସ । ସେ ବ୍ରହ୍ମ ପାଦେ ମୋର ଆଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
ନାମ **ସପ୍ତପଞ୍ଚାଶତୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ପୂଣି ପଚାରଇ । ଭୋ ନାଥ ଯଦୁକୂଳ ସାଇଁ ।। ଆରତ ଭଞ୍ଜନ ଅଚ୍ୟୁତ । ତୁ ନାଥ ପାଣ ପଞ୍ଚଭୂତ ।।

ଭୂମିରସଟି କେ ବୋଲାଇ । କେମନ୍ତ ଆକାଶ ସର୍ଜଇ ।। ରସଙ୍କ ମଧ୍ୟେ ଭୂମିରସ । କେମନ୍ତେ ସର୍ଜଇ ଆକାଶ ।। ଏ ବାକ୍ୟ କହ ଦାମୋଦର । ପୁରାଣ ପୁରୁଷ ଈଶ୍ୱର ।। **ଶ୍ରୀ ଭଗବାନୁବାଚ :** ଈଶ୍ୱର ବାକ୍ୟେ ଯଦୁମଣି । କହନ୍ତି ଅର୍ଜ୍ଜୁନଙ୍କୁ ବାଣୀ ।।

ହେମାକାଶ ମହାକାଶ ଠୂଳଶୂନ୍ୟ ଚ ସଂଗ୍ରହଃ ।
ସର୍ବବ୍ୟୟା ମମ ବ୍ରହ୍ମ ବ୍ୟାପିତଂ ସଚରାଚରଂ ।।

ଅର୍ଜ୍ଜୁନ ଶୁଣ ତୁ ସନ୍ଦେଶ । କହିବା ତୋତେ ଭୂମିରସ ।। ତ୍ରୟ ବୀଜର ପରେ ହରି । ଠୂଳ ଶୂନ୍ୟରେ ରସ ପୂରି ।। ଭୂମି ରସଟି ଜଳ କହି । ଆଦିତ୍ୟ ଅଷ୍ଟମାସ ଯାଇ ।। ତାହାର ଋତୁ ସମୟରେ । ଜଳ ଛାଡ଼ଇ ଏ ସଂସାରେ ।। ସେ ଜଳେ ଜଗତ ଶୀତଳ । କୃଷକେ କୃଷି କରି ଠୂଳ ।। ଏଣୁଟି ଜଳ ଭୂମିରସ । ଶୁଣ ସୁମନେ ପଣ୍ଡୁ ଶିଷ୍ୟ ।। ଦେହକୁ ଭୂମି ବୋଲି କହି । ଜୀବଟି ଭୂମିରସ କହି ।। ଆହୁରି ଶୁଣ ତୁ ସନ୍ଦେଶ । କୃଷ୍ଣର ନାମ ଭୂମି ରସ ।। ମାତା ଗର୍ଭରେ ଯେବେ ଥିଲା । ଭୂମିରସଟି ଖାଉଥିଲା ।। କହଇ ବଳରାମ ଦାସ । ଭୂମିରସରେ ମୋର ଆଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଅଷ୍ଟପଞ୍ଚାଶତୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ଆରତ ଭଞ୍ଜନ କେଶବ । କହ ହେ ଉଚିତ ପ୍ରସ୍ତାବ ।। ଆହେ ଗୋବିନ୍ଦ ଦାମୋଦର । ପଦ୍ମନୟନ ଗଦାଧର । କୀଟପତଙ୍ଗ ଖଗ ମୃଗ । ମତ୍ସ୍ୟଙ୍ଗେ ହେଲେ ମୋକ୍ଷ ଯୋଗ ।। କୀଟ ପତଙ୍ଗ କେ ହୋଇଲା । ଖଗ ମୃଗଟି କାହିଁ ଥିଲା ।। କେଉଁ ସ୍ଥାନରେ ସାଧୁ ଥିଲେ । ଏହାଙ୍କୁ କେମନ୍ତେ ତାରିଲେ ।। ଏ ଅର୍ଥ କହ ଭଗବାନ । ନମସ୍ତେ ଆରତ ଭଞ୍ଜନ ।। **ଶ୍ରୀ ଭଗବାନୁବାଚ :** ଅର୍ଜ୍ଜୁନ ବାକ୍ୟେ ଜନାର୍ଦ୍ଦନ । କହନ୍ତି ଭୂଗୋଳ ବିଧାନ ।। ଏବେ



କହିବି ମୁହିଁ ତୋତେ । ଶୁଣ ତୁ ସାବଧାନ ଚିତ୍ତେ ।। କୀଟ ଯେ ନୟନେ ବସଇ । ପତଙ୍ଗ ବୋଲି ମୁଖ କହି ।। ଖକତୋ ନାସିକା ପ୍ରମାଣ । ମୃଗ ଯେ ଅଟଇଟି କର୍ଣ୍ଣ ।। ସାଧୁ ପୁରୁଷ ଯେ ବୋଲାଇ । ପୁଣି ଅର୍ଜ୍ଜୁନ ଦେହ କହି ।। ସେ ଜ୍ୟୋତି ବ୍ରହ୍ମ ସାଧୁଜାଣ । ଏହାକୁ କହନ୍ତି କାରଣ ।। ପ୍ରଳୟ ଯେଉଁଦିନ ହୋନ୍ତି । ଏ ସର୍ବ ଜ୍ୟୋତିରେ ମିଶନ୍ତି ।। ଏହାଙ୍କୁ କହି ଶରୀରାର୍ଥ । ଏବେ କହିବା ବାହ୍ୟମତ ।। ନାମ ବ୍ରହ୍ମଟି ସାଧୁ କହି । ସେ ନାମ ଭଜି ସାଧୁଯାଇ ।। ବୃକ୍ଷପାଷାଣ ତରୁ ତୃଣ । ଶୁଣନ୍ତେ ହୁଅନ୍ତି କାରଣ ।। ଶୁଣି ଅର୍ଜ୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ **ଊନଷଷ୍ଟୀତମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ପୁଣି ପଚାରିଲା । ସଂଶୟ ମନରେ ରହିଲା ।। ଅର୍ଜ୍ଜୁନ ପଚାରଇ ଭେଦ । ଉଦ୍ଧବ ଦେଲେ ରତ୍ନପାଦ ।। ରତ୍ନ ପାଦୁକାର ଯେ ଅର୍ଥ । ମୋତେ କହିବା ଜଗନ୍ନାଥ ।। ତେବେ ଏ ସଂସାରେ କରିବି । ଏକାନ୍ତେ କୃଷ୍ଣଙ୍କୁ ଲଭିବି ।। ତୋର ହୃଦୟ କଥା ହରି । ଜାଣିଲେ ମୁକୁନ୍ଦ ମୁରାରି ।।

**ଶ୍ରୀ ଭଗବାନୁବାଚ :**

ପାଦପଦ୍ମ ଚକ୍ଷୁ ପଦ୍ମଞ୍ଚ ସଂସ୍ଥିତାଂ
ହୃଦପଦ୍ମ କର୍ଣ୍ଣଂ ତୁ ଷଡ଼ପଦ୍ମ ଷଳକ ଶିତାଂ ।

ଶୁଣ ଅର୍ଜ୍ଜୁନ ମନଦେଇ । ଗୁପତ କଥା ତୋତେ କହି ।। ତୁ ଯେଉଁ କଥା ପଚାରିଲୁ । ସଂଶୟ କଥା ଯେ ଫେଡ଼ିଲୁ ।। ସେ କଥା ଶୁଣ ମନ ସ୍ଥିରେ । କହିବା ଯୁଗାନ୍ତ ବିସ୍ତାରେ ।। ଉଦ୍ଧବ ପଛେ ଚଳିଯାନ୍ତେ । ଲୌହକୁ ପାଇଲା ସେ ପଛେ ।। ଲୌହକୁ ଧରିଥିଲା ଜଡ଼ି । ତମ୍ବା ପାଆନ୍ତେ ଲୌହ ଛାଡ଼ି ।। ତମ୍ବାକୁ ଧରିଥିଲା ସଙ୍ଗେ

ରୌପ୍ୟ ପାଇଲା ଯାଇ ବେଗେ ।। ପୁଣ ସେ ରୌପ୍ୟ ଥିଲା ଧରି । ସୁବର୍ଣ୍ଣ ପାଇ ଦୂର କରି ।। ସୁବର୍ଣ୍ଣ ପାଇ ନେଉଥିଲା । ହୀରା ପାଆନ୍ତେ ଛାଡ଼ିଦେଲା ।। ହୀରାକୁ ବାଟେ ଛାଡ଼ିଗଲା । ପରଶ ପ୍ରସ୍ତର ପାଇଲା ।। ପରଶ ପରମର ପାଦ । ଶୂନ୍ୟ ଶବ୍ଦ ଯେ ଜ୍ୟୋତି ଭେଦ ।। ରାଆ ଶବଦକୁ ଧଇଲା । ଗ୍ରୀଷ୍ମ ବରଷା ସେ ବଞ୍ଚିଲା ।। ରନ୍ ସେ ସୁବର୍ଣ୍ଣକୁ କହି । ସୁବର୍ଣ୍ଣ ଶୂନ୍ୟ ପାଦ ହୋଇ ।। ରାଆଟି ମାଆକୁ ଭେଟଇ । ମହା ନିରାକାରେ ମଜ୍ଜଇ ।। ଉଦ୍ଧବ ଯେଉଁ ପାଦ ନେଲା । ସେ ପାଦ ଚିତ୍ତେ ମୋ ରହିଲା ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ । ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଷଷ୍ଟୀତମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ବୋଲଇ ଗୋସାଇଁ । ଆହୁରି କଥାଏ ପୁଚ୍ଛଇ ।। ସାର ଉଦ୍ଧବ ଦାମୋଦର । ଉଦ୍ଧବ ଦେଲେ ସୁଧାସାର ।। ଏଅର୍ଥ କହ ମୋତେ ଫେଇ ।। ନମସ୍ତେ ପ୍ରଭୁ ଭାବଗ୍ରାହୀ । **ଶ୍ରୀ ଭଗବାନୁବାଚ :** କହନ୍ତି ଭୂଗୋଳ ବିସ୍ତାର । ଅର୍ଜୁନ ବାକ୍ୟେ ଚକ୍ରଧର ।। ଶୁଣ ହେ ପାର୍ଥ ମନ ଦେଇ । ମୋ ପାଦପଦ୍ମ ଦେବା କହି ।। ମୋ ପାଦପଦ୍ମ କ୍ଷୟ ହୋଇ । ତହିଁରେ ଷଡ଼ପଦ୍ମ ରହି ।। ସେ ପାଦପଦ୍ମ ବିନ୍ଦୁକହି । ସେ ବିନ୍ଦୁ ଅମୃତ କ୍ଷରଇ ।। ସେ ମକରନ୍ଦ ସୁଧାସାର । ଉଦ୍ଧବ ପିଇଲେ ନିକର ।।

ଯାଃ ପଦ୍ମ ମଦରନ୍ଦସ୍ୟ ଷଡ଼୍ ଚକ୍ର ସୁପ୍ରକାଶିତଃ ।
କ୍ଷୁଧାତୃଷ୍ଣା ଭୟଂ ନାସ୍ତି ନାମ ମମ ପ୍ରକାଶିତ ।।

ସେ ପଦ୍ମ ସାର ଧାରା ବହି । ସେ ମକରନ୍ଦ ଧାରା କହି ।। ପାଦରେ ପାଦଯୁକ୍ତ ହୋଇ । ଏଣୁଟି କୃଷ୍ଣପାଦ କହି ।। ଶୁଣ ଅର୍ଜୁନ ଜ୍ଞାନ ସାର । ଏ ଷଡ଼ ପଦ୍ମର ବିଚାର ।। ବାଳ ମୁକୁନ୍ଦ ରୂପେ ହରି ।



ସେ ମକରନ୍ଦ ପାନକରି ।। ପ୍ରତାପୀ ବୀର ଶୁଣି ତୋଷ । ଭଣିଲେ ବଳରାମ ଦାସ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ଏକଷଷ୍ଟୀତମୋଽଧ୍ୟାୟଃ** ସମାପ୍ତ ।

---●---

**ଅର୍ଜୁନ ଉବାଚ :** ଅର୍ଜୁନ ଶିରେ ଦେଇ କର । ବୋଲଇ ଶୁଣ ଦାମୋଦର ।। ଅଜ୍ଞାନ ମୋହେ ମୁଁ ପଡ଼ିଲି । ତୋ ପାଦ ପଦ୍ମ ପାଶୋରିଲି ।। ତୋହର ନାମ ନାବେ ବସି । ତରିବି ଘୋର ଜଳରାଶି ।। ଅଜାତ ପକ୍ଷୀର ଚରିତ । କହ ମୋ କମଳାର କାନ୍ତ । ଅଜାତ ପକ୍ଷୀ କାହିଁ ଥିଲା । ସେ ପୁଣି ମାତାକୁ ଡାକିଲା ।। ତାହାର ମାତା ପିତା କାହିଁ । ତାର ଆହାର କେଉଁ ଠାଇଁ ।। ଏକଥା କହ ପଦ୍ମନାଭ । ତୋର ଚରଣେ ବଡ଼ ଲାଭ ।।

**ଶ୍ରୀ ଭଗବାନୁବାଚ :**

ଅର୍ଜୁନ ବଚନେ ମାଧବ । କହନ୍ତି ଭୂଗୋଳ ପ୍ରସ୍ତାବ ।
ପରମା ମାତୃକା ରାଧା ରାଧାୟାଂ ପ୍ରକୃତିସ୍ଥିତା ।
ବନ୍ଦାଣ୍ଡ କୋଟି ମଣ୍ଡଳାଞ୍ଚ ରାଧା ଅଙ୍ଗ ପ୍ରକାଶିତା ।

ଶୁଣ ଅର୍ଜୁନ ମନ ଦେଇ । ଗୁପତ ଜ୍ଞାନ ଏ ଅଟଇ ।। ଅଜାତ ଶୂନ୍ୟେ ଜାତ ହୋଇ । ଶୂନ୍ୟରେ ଡିମ୍ବେକ ପାରଇ ।। ଡିମ୍ବ ପାରିଣ ମାତା ଗଲା । ରାଆ ଲୀଳାରେ ଗୁପ୍ତ ହେଲା ।। ମାତା ପିତାଙ୍କୁ ସେ ନ ଦେଖି । ଶୂନ୍ୟରେ ରାଆ ନାମ ଡାକି ।। ରାଆ ତାହାର ମାତା ହୋଇ । ସରଟି ବୋଲି ତାକୁ କହି ।। ନୀଳଜୀମୂତ ଦେହ ତାର । ନିତ୍ୟେ ତତ୍ତ୍ୱର ତାର ଘର ।। ସଖା ତାହାର କେହି ନାହିଁ । ସଖ ତା ପଞ୍ଚଭୂତ ହୋଇ ।। ଏକାନ୍ତ ମହିମା ଯାହାର । ଶୁଣି ଅର୍ଜୁନ ମହାବୀର ।। ଆଛାଡ଼ି ମାଆରେ ଯେ ମିଶେ । ମାଆଟି ମିଶାଇ ଆକାଶେ ।।

ପଞ୍ଚଭୂତରେ ଜନ୍ମ ହୋଇ । ପଞ୍ଚଭୂତରେ ଶୂନ୍ୟେ ପାଇ ।। ଅଜାତ ପକ୍ଷୀ ଜୀବ ହୋଇ । ତାହାର ଜନ୍ମ ମୃତ୍ୟୁ ନାହିଁ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭ୍‌ଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
ନାମ **ଦ୍ୱିଷଷ୍ଠୀତମୋଽଧ୍ୟାୟଃ** ସମାପ୍ତ ।

---●---

**ଅର୍ଜୁନ ଉବାଚ :** ଅର୍ଜୁନ ବୋଲଇ ଗୋସାଇଁ । କଥାଏ ପଚାରଇ ମୁହିଁ ।। ପୂର୍ବେ ଯେ କପିଳ ନଗରେ । କନ୍ୟାଏ ସୁବର୍ଣ୍ଣ ଆକାରେ ।। ସେ କନ୍ୟା ବିଧବା ହୋଇଲା । ତା ପତି ବସି ଶୋକ କଲା ।। ଏ କଥା କହ ନାଥ ମୋତେ । ସଂଶୟ ଫେଡ଼ ମୋର ଚିତ୍ତେ ।।

**ଶ୍ରୀ ଭଗବାନୁବାଚ :**

ବ୍ରହ୍ମବିନ୍ଦୁ ଶିବମେକଂ ତ୍ରିଅକ୍ଷରଂ ଯେନ ସମ୍ଭବ
ଆଦିଶକ୍ତି ଭୟଂ ନାସ୍ତି ପାର୍ବତୀ ପତି ଈଶ୍ୱର ।।

ଶୁଣ ଅର୍ଜୁନ ହେତୁ ଦେଉ । କହିବା ଭୂଗୋଳକୁ ଫେଇ ।। ପ୍ରଥମେ ବ୍ରହ୍ମା ବିଷ୍ଣୁ ଶିବ । ନିରାକାର ରୂପେ ସମ୍ଭବ ।। ପ୍ରଥମେ ଜଳଧି ମନ୍ଥିଲେ । ସେଠାରୁ ବିଷ ଜାତ ହେଲେ ।। ଶିବ ଭକ୍ଷିଣ ମୋହ ଗଲେ । ତା ଦେଖି ପାର୍ବତୀ କାନ୍ଦିଲେ ।। କାନ୍ଦିଣ କଙ୍କଣ କାଢ଼ିଲେ । ବିଧବା ଅବସ୍ଥା ହୋଇଲେ । ତକ୍ଷଣେ ଶିବ ଚେତା ପାଇ । ରୋଦନ କଲେ ଦେବସାଇଁ ।। ଏ ପରମାର୍ଥର ବିଚାର । କହିବା ଶରୀରାର୍ଥ ସାର ।। କପିଳ ନଗ୍ର ଦେହ ଜାଣ । କଞ୍ଚନା କନ୍ୟାଟି ପ୍ରମାଣ ।। ଯହୁଁ ପ୍ରଳୟ କାଳ ହେଲା । ଜୀବ ଶରୀରୁ ଛାଡ଼ିଗଲା ।। ଛାଡ଼ନ୍ତେ ଏ ଜୀବ ପରମ । ଦେହ ହୋଇଲା ସର୍ବଶୂନ୍ୟ । ଜୀବ



ଯେ ଛାଡ଼ିଲା ତକ୍ଷଣ ।। ପରମ କରଇ ରୋଦନ । କଞ୍ଚନା ଚକ୍ଷୁରେ ସେ ଥିଲା । ଲୋତକ ଧାର ସେ ଦହିଲା ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
ନାମ **ତ୍ରିଷଷ୍ଠୀତମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ବୋଲଇ ବଚନ । ଶୁଣ ହେ ପ୍ରଭୁ ଭଗବାନ । ଶ୍ରୀ ଭାଗବତ ସ୍କନ୍ଧ ହେଲା । ମହା ପୁରାଣ ବୋଲାଇଲା ।। ଏ ଅର୍ଥ ଫେଡ଼ି ମୋତେ କହ । ମନରୁ ଫେଡ଼ ମୋ ସଂଶୟ । **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ତୋଷ ହୋଇ । ତୋତେ ମୁଁ ଦେଉଅଛି କହି ।। ମାତାର ପଦ୍ମଗୋଟି ଥିଲା । ତହିଁରେ ବିନ୍ଦୁ ପୂରାଇଲା ।। ମହା ପୁରାଣ ତହୁଁ ହୋଇ । ବ୍ରହ୍ମାଣ୍ଡ ଭୂଗୋଳକୁ କହି ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୁଗୋଳ ବର୍ଣ୍ଣନେ ହରି ଅର୍ଜୁନ
ସମ୍ବାଦେ **ଚତୁଷଷ୍ଠୀତମୋଽଧ୍ୟାୟଃ** ସମାପ୍ତ ।

---●---

**ଅର୍ଜୁନ ଉବାଚ :** ଅର୍ଜୁନ ବୋଲେ ଭଗବାନ । ମୁଁ ତୁମ୍ଭ ଚରଣେ ଶରଣ ।। କୌସ୍ତୁଭମଣି କେହ୍ନେ ହେଲା । ଉଦ୍ଧବେ କାହୁଁ ଆଣି ଦେଲା ।।

**ଶ୍ରୀ ଭଗବାନୁବାଚ :** ଅର୍ଜୁନ ବାକ୍ୟେ ଚକ୍ରଧର । କହନ୍ତି ଭୂଗୋଳ ବିସ୍ତାର ।। ଉଦ୍ଧବ ଏକ ଦିନକରେ । ବନେ ପଶିଲା ମୃଗୟାରେ । ବୁଲାଇ ଗହନ କାନନ । ପଡ଼ିଛି କୌସ୍ତୁଭ ରାଜନ ।। କଣ୍ଠାରୁ ତାହାର ନାହିଁ । ମୁଣ୍ଡ ତା ରାମ ନାମ ଗାଇ । ଉଦ୍ଧବମୃଗ ପ୍ରାୟେ ମଣି । ବାଣ ବିନ୍ଧିଲା ଗୁଣ ଟାଣି ।। ସେ ବାଣ ବେଗେ ଚଳି

ଗଲା । ପଡ଼ିଛି ମୁଣ୍ଡକୁ ଦେଖିଲା । ତକ୍ଷଣେ ବାହୁଡ଼ିଲା ବାଣ । କହେ ଉଦ୍ଧବକୁ ବଚନ ।। ମୃଗଶୂକର ନୁହେଁ କିଛି । ମୁଣ୍ଡଗୋଟିଏ ପଡ଼ିଅଛି। ରାମ ନାମ ଯେ ମୁଣ୍ଡ ଡାକି । ଉଦ୍ଧବ ମୁଣ୍ଡକୁ ନିରେଖି। ତକ୍ଷଣେ ମୁଣ୍ଡକୁ ଧଇଲା । ସୁବର୍ଣ୍ଣ ସୂତ୍ରରେ ଗୁନ୍ଥିଲା ।। ସେ ମୁଣ୍ଡ କଉସ୍ତୁଭ ମଣି । ଆମ୍ଭ ଗଳାରେ ଲମ୍ବେ ପୁଣି ।। ସେ ମଣି ଥିଲେ କ୍ଷୁଧା ତୃଷା । ନିରାକାର ଭବନେ ବସା ।। ମଣି ଦର୍ଶନେ ମୋର ଆଶ । ଭଣିଲେ ବଳରାମ ଦାସ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ପଞ୍ଚଷଷ୍ଠୀତମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ହୋଇ କୃତକୃତ୍ୟ । ତୁମ୍ଭଗଳାରେ ସେ ଲମ୍ବିତ ।। ତାହାକୁ ବୈଜୟନ୍ତୀ କହି । ପୁଚ୍ଛଇ କୃଷ୍ଣମୁଖ ଚାହିଁ ।। ସେ ମାଳ ଯେତେକ ଚରିତ । ତୁମ୍ଭ ଗଳାରେ ସେ ଲମ୍ବିତ ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ମନ ଦେଇ । ଗୋଲକପୁରେ ନିତ୍ୟେକହି ।। ବିରାଜନ୍ତି ସ୍ଥାନ ସେହି । ନିତ୍ୟେ ତହିଁରେ ବିଶ୍ରାମଇ।। ବିରାଟ ଶରୀର ବିସ୍ତାର ଚଉଦ ମାଳା ତା ଗଳାର ।। ଆମ୍ଭେ ତା ଠାରୁ ତହୁଁ ଜାତ । ସେ ନିରାକାର ଆମ୍ଭ ତାତ ।। ତହିଁ ଯେତେକ ସଖୀଛନ୍ତି । ବୈଜୟନ୍ତୀ ସେ ଅଟନ୍ତି । ଜାତ କରିବା ବେଳେ ସେହି । ତାଙ୍କ ଗଳାରୁ ମାଳା ନେଇ । ଶୂନ୍ୟରେ ବିନ୍ଦୁ ଯେ ଚଳିଲା । ରାଆ ଶବଦରେ ସେ ମିଶିଲା ।। ରାଆ ନାମରେ ମାଳା ହୋଇ । ସେ ମାଳା ଜଗତ ସର୍ଜଇ ।। ଶୁଣି ଅର୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ଷଡ଼ଷଷ୍ଠୀତମୋଽଧ୍ୟାୟଃ** ସମାପ୍ତ ।

---●---

**ଅର୍ଜୁନ ଉବାଚ :** ପୁଣି ଅର୍ଜୁନ ବିନୟରେ । ପଡ଼ଇ କୃଷ୍ଣ ପୟରେ ।। ଯେ ପୂର୍ବକାଳେ ଅବତାରେ । ଧଇଲେ ଶୂକର ରୂପରେ ।



ପୃଥିବୀ ଦନ୍ତରେ ଧଇଲେ । ତାହା ଉପରେ ଉଭାହେଲେ । ଏବାକ୍ୟ କହ ଦାମୋଦର । ପୃଥିବୀ ତୋ ଦନ୍ତେ ସୁନ୍ଦର ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜୁନ ମନ ଦେଇ । କହିବା ଭୂଗୋଳକୁ ଫେଇ ।। ସେ କାଳେ ଶୂକର ଶୂକର ।। ପୃଥିବୀ ଦନ୍ତେ ସେ ସୁନ୍ଦର ।। ଶିଶିର ଦୁର୍ବା ଆଶ୍ରେ ଯେହ୍ନେ । ମୋହର ରୂପ ଅଟେ ତେହ୍ନେ । ନୀଳବର୍ଣ୍ଣଟି ଅଟେ ଦେହେ । ମୋ ରୂପ ଦେଲେ ଶୋଭାପାଏ ।। ଶିଶିର ଟୋପାର ଆକାର । ବ୍ରହ୍ମାଣ୍ଡ ମୋ ଦନ୍ତ ଶିଖର ।। ଅନନ୍ତ ଆସନ ଉପରେ । ଉଭା ମୁଁ ହୋଇଲି ନିଶ୍ଚଳେ ।। ସକଳ ମୋହର ସଂସାର । ଅନନ୍ତ ମୋର ଗର୍ଭଧର ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।। ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ **ସପ୍ତଷଷ୍ଠୀତମୋ-ଽଧ୍ୟାୟଃ** ସମାପ୍ତ ।

---●---

**ଅର୍ଜୁନ ଉବାଚ :** ଅର୍ଜୁନ ମନେ ବିଚାରଇ । ସଂଶୟ ଫେଡ଼ି ପଚାରଇ ।। ହେ ପ୍ରଭୁ ତୁମ୍ଭର ପୟର । ଲମ୍ବ ହୋଇଛି କେଉଁଠାର ।। ସେ କଥା କହିବା ବିସ୍ତାରି । କୁକର୍ମମାନ ଦୂର କରି ।। **ଶ୍ରୀ ଭଗବାନୁବାଚ :** ଜାଣିଲେ ପ୍ରଭୁ ଚକ୍ରଧର । କହିଲେ ଶ୍ରୀରଙ୍ଗ ଅଧର ।। ବୋଇଲେ ଶୁଣ କୁନ୍ତୀସୁତ । ଶୁଣିଲେ ହୃଦୟ ବାରତ ।। ମନରେ ଭୟ ତୁ ନ କଲୁ । ସଂଶକୁ ଫେଡ଼ି ତୁ ପୁଛିଲୁ ।। ବୋଇଲୁ ତୁମ୍ଭର ପୟର । ଲମ୍ବ ହୋଇଛି କେଉଁଠାର ।। ସେ କଥା କହିବା ବିସ୍ତାରି । କୁକର୍ମମାନ ଦୂରକରି ।। ସେ କାଳେ ବାମନ ମୂରତି । ନାଭିରୁ ପାଦ ଉତପତି ।। ସେ ପାଦ ଆକାଶକୁ ଗଲା । ବ୍ରହ୍ମା ଯେ ଗଙ୍ଗାକୁ ଚାଳିଲା । ସେ ଗଙ୍ଗା ନଖକୋଣେ ରହି । ତେଣୁ ମୋ ପାଦ ଲମ୍ବ ହୋଇ । ଗୁପତବ୍ରହ୍ମା ଏ ବୋଲାଇ ।। ତିନି ଚରଣ ମୋର ହୋଇ । ରାଆ ପଦଟି ଏ ମୋହର । ମଅ ପାଦଟି ଯେ ଭିତର ।।

ଶୂନ୍ୟରୁ ବିନ୍ଦୁ ଯେ ଖସିଲା । ସେହିଟି ଲମ୍ବ ପାଦ ହେଲା । କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ
ସମ୍ବାଦେ **ଅଷ୍ଟଷଷ୍ଟୀତମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଅର୍ଜୁନ ବୋଲଇ ଗୋସାଇଁ । କଥାଏ ପଚାରିବି ମୁହିଁ । ପୁଣ୍ୟ କରିଲି ପୁଣ୍ୟକାଳେ । ନିଷେଧ ନ କରିବ କାଳେ । ପୁଣ୍ୟ କାଳଟି କେ ଅଟଇ । ନିଷେଧ କେମନ୍ତେ ନକରଇ ଏ ଜ୍ଞାନ କହ ଦଇତାରି ।। ଶୁଣିଲେ ଯିବି ମୁଁ ନିସ୍ତରି ।। **ଶ୍ରୀ ଭଗବାନୁବାଚ :** ଅର୍ଜୁନ ବଚନେ ମାଧବ । କହନ୍ତି ଭୂଗୋଳ ପ୍ରସ୍ତାବ ।। ସ୍ତିରୀଙ୍କ ରଜୋବତୀ କାଳେ । ପୁଣ୍ୟ କରିବ ସେହି ବେଳେ ।। ଅନ୍ୟ ଦିବସେ ନ ଛୁଇଁବ ବ୍ରହ୍ମହତ୍ୟା ଦୋଷ ଲଭିବ । ସେ ପୁଣ୍ୟକାଳେ ପୁଣ୍ୟକଲେ । ତହୁଁ ପୁତ୍ର ହୁଏ ଭଲେ । ଅନ୍ୟ ଦିବସେ ବ୍ୟର୍ଥ ଯାଇ । ତେଣୁ ସେ ପାତକ ହୁଅଇ । କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ
ସମ୍ବାଦେ **ଊନସପ୍ତତିତମୋଽଧ୍ୟାୟଃ** ସମାପ୍ତ ।

**ଅର୍ଜୁନ ଉବାଚ :** ଶୁଣି ଅର୍ଜୁନ ପଚାରଇ । କହ ହେ ବ୍ରହ୍ମା ଗୋସାଇଁ । ଶଶାଙ୍କମୁଣ୍ଡେ ଶୃଙ୍ଗଜାତ । ବନ୍ଧ୍ୟା ଯେ ପ୍ରସବିଲା ସୁତ । ଏଅର୍ଥ କହ ମୋତେ ଫେଇ । ନମସ୍ତେ କମଳାର ସାଇଁ । ବନ୍ଧ୍ୟା କେହୁ ବୋଲାଇଲା । ସୁତ କେମନ୍ତେ ପ୍ରସବିଲା । ଶ୍ରୀ **ଭଗବାନୁବାଚ :** ଶଶାଙ୍କ ବୋଲି ଯାହା କହି । ଜ୍ୟୋତି ରୂପ ସେ ବୋଲାଇ ।। ତ୍ରିକୂଟ ପରେ ଜ୍ୟୋତି ଥାଇ । ଶଶାଙ୍କ ଶୃଙ୍ଗ ସେ ବୋଲାଇ । ଚକ୍ଷୁ ଉପରେ ବିଜେ କରି । ସେହିଟି ବନ୍ଧ୍ୟା



ରୂପ ଧରି ।। ଜନ୍ମ ମରଣ ତାର ନାହିଁ । ସ୍ତିରୀ ପୁରୁଷ ସେ ନୁହଇଁ ।। ପରମ ପୁର ବୋଲି ଜାଣ । ବ୍ରହ୍ମାଣ୍ଡ କରଇ ଭିଆଣ ।। କେବଳ ଥାଇ ଜନ୍ମ ନାହିଁ । ଅଣୁଟି ବନ୍ଧ୍ୟା ବୋଲି କହି ।। କହଇ ବଳରାମ ଦାସ । ସୁଜନେ ନ ଘେନିବ ଦୋଷ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ସପ୍ତତିତମୋଽଧ୍ୟାୟଃ** ସମାପ୍ତ ।

--●--

**ଅର୍ଜୁନ ଉବାଚ :** ଅର୍ଜୁନ ବିନୟ ବଚନେ । କହଇ କୃଷ୍ଣ ସନ୍ନିଧାନେ ।। କଥାଏ ପଚାରିବି ମୁହିଁ । ଫେଡ଼ିବ ସଂଶୟ ଗୋସାଇଁ ।। କର୍ମ ସରିଲେ ଫଳ କ୍ଷୟେ । ଲବ୍ଧ କ୍ଳେଶ ମାତ୍ର ରହେ ।। ଏ ଅର୍ଥ କହ ଭଗବାନ । ନମଇଁ ତୁମ୍ଭର ଚରଣ ।। **ଶ୍ରୀ ଭଗବାନୁବାଚ -** ଅର୍ଜୁନ ବାକ୍ୟେ ଦାମୋଦର । କହନ୍ତି ଭୂଗୋଳ ବିସ୍ତାର ।। ଶୁଣ ଅର୍ଜୁନ ମନଦେଇ । ବ୍ରହ୍ମାଣ୍ଡ ଭୂଗୋଳ କହଇ ।। ଜୀବକୁ କର୍ମ ବୋଲି କହି । ତାହା ସରିଲେ ଫୁଲ ନାହିଁ ।। ଜୀବ ପରମ ଫଳ ହୋଇ । କର୍ମ ସରିଲେ ନାଶ ଯାଇ ।। କ୍ଳେଶ ବୋଲନ୍ତେ ମୋହ କର । ଏ ଦେହ ମାଟିରେ ମିଶଇ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜୁନ ସମ୍ବାଦେ
**ଏକସପ୍ତତିତମୋଽଧ୍ୟାୟଃ ସମାପ୍ତ** ।

--●--

**ଅର୍ଜୁନ ଉବାଚ :** ଅର୍ଜୁନ ବିନୟ ଭାବରେ । ପଡ଼ଇ କୃଷ୍ଣର ପୟରେ ।। କଥାଏ ପଚାରିବି ମୁହିଁ ।। ଫେଡ଼ିବ ସଂଶୟ ଗୋସାଇଁ ।। ଏକଇ ବୃକ୍ଷେ ହଂସ ଦୁଇ । ବସନ୍ତି ପ୍ରିୟ ଭାବ ବହି ।। ବୃକ୍ଷର ଫଳ ସେ ଭଖିଲା । କେମନ୍ତେ ଜଳରେ ପଡ଼ିଲା ।। ଏ କଥା କହ ଦଇତାରି ।

ନମସ୍ତେ ମୁକୁନ୍ଦ ମୁରାରୀ ।। **ଶ୍ରୀ ଭଗବାନୁବାଚ :** ଭୃତ୍ୟ ବଚନେ ଚକ୍ରଧର । କହନ୍ତି ଭୂଗୋଳ ବିସ୍ତାର ।। ଦେହକୁ ବୃକ୍ଷବୋଲି ଜାଣ । ଜୀବପରମ ଦୁଇପୁଣ ।। ଏ ବୃକ୍ଷେ ବେନି ପକ୍ଷୀଥାନ୍ତି । ଏକ ଆରେକ ନ ଦେଖନ୍ତି ।। ପାପ ଫଳଟି ସେ ଅଟଇ । ଜୀବ ତା ଅବଶ୍ୟ ଭୂଞ୍ଜଇ ।। ପରମ ଥାଇ ପକ୍ଷୀ ରୂପେ । ଉଦାସୀ ମତେ ସର୍ବ ଦେଖେ ।। ବୀଜଟି ପାପ ଫଳ ପାଇ । ମାୟା ଜାଲରେ ସେ ପଡ଼ଇ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ

**ଦ୍ୱିସପ୍ତତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ବୋଲେ ଅର୍ଜ୍ଜୁନ ଶୁଣେ ହରି । କହିବା ଭୂଗୋଳ ବିସ୍ତାରି ।। ଯଦୁରାଜନ ଅବଧୂତ । ଏ ବେନି ରାଜାଙ୍କ ଚରିତ ।। ଯଦୁ ରାଜନ କେହୁ ପୁଣ । ଅବଧୂତଟି କେ ପ୍ରମାଣ ।। ଏ ଜ୍ଞାନ କହ ନାରାୟଣ । ନମସ୍ତେ କମଳ ଲୋଚନ ।। **ଶ୍ରୀ ଭଗବାନୁବାଚ :** ଶୁଣ ଭକତ ସାମରଥା । କହିବା ତୋତେ ତତ୍ତ୍ୱକଥା ।। ଯଦୁ ରାଜନ ଜୀବ ହୋଇ । ପରମ ଅବଧୂତ କହି ।। ମୀନଟି ଜୀବ ବୋଲି ଜାଣ । ଚୈତନ୍ୟ ପରମ କାରଣ ।। ଚୈତନ୍ୟ ମନକୁ ଯେ କହି । ଶୁଣ ହେ ଯୁଧିଷ୍ଠିର ଭାଇ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ

**ତ୍ରିସପ୍ତତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ବୋଲେ ଭଗବାନ । ମୁଁ ତୁମ୍ଭ ଚରଣେ କିଙ୍କର ।। ଯାଦବ ଚନ୍ଦ୍ର ସୂର୍ଯ୍ୟ ଦିଶେ । ତାବଦ ଏ ବୃକ୍ଷ ପ୍ରକାଶେ ।। ଏ ଅର୍ଥ କହ ଭଗବାନ । ତୋ ପାଦେ ଜଗତ କାରଣ ।।



**ଶ୍ରୀ ଭଗବାନୁବାଚ :** କହନ୍ତି କମଳାର ବର । ଶୁଣ ହେ ଭକତ ମୋହର ।। ରଜଟି ଚନ୍ଦ୍ର ବୋଲି କହି । ସୂର୍ଯ୍ୟରୂପଟି ବିନ୍ଦୁ ହୋଇ ।। ରଜରେ ବୀଜ ଯୁକ୍ତ ହେଲା । ଏଣୁ ଯେ ବୃକ୍ଷ ପ୍ରକାଶିଲା ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ

**ଚତୁଃ ସପ୍ତତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ପୁଣି ପଚାରିଲ ଅର୍ଜ୍ଜୁନ । ଭୋ ନାଥ ଆରତ ଭଞ୍ଜନ ।। ସେ ଦେଶେ କୃଷ୍ଣ ମୃଗସାର । ନ ଦେଖି ସେ ବିଷ୍ଣୁ ଭକ୍ତର ।। ସେ ଦେଶେ ପତିତ ହୋଇଲା । ସଂଶୟ ଫେଡ଼ ନନ୍ଦବଳା ।। ପତିତ ଦେଶେ କେ ବୋଲାଇ । କୃଷ୍ଣ ମୃଗଟି କେ ଅଟଇ ।। ଏ ଜ୍ଞାନ କହ ଫେଡ଼ି କରି । ଶୁଣି ମୁଁ ଜ୍ଞାନେ ଯିବି ତରି ।।

**ଶ୍ରୀ ଭଗବାନୁବାଚ –** ବୋଲନ୍ତି ଜଗତ ଜୀବନ । ଶୁଣ ଭକତ ଦେଇ ମନ ।। ଦେଶ ଯେ ମାତା ପକ୍ଷ କହି । କୃଷ୍ଣପକ୍ଷଟି ସେ ବୋଲାଇ ।। ତହିଁରେ ସଙ୍ଗ ଯେ କରଇ । ତାହାକୁ ପତିତଟି କହି ।। ଯହୁଁ ପଦ୍ମରେ ବୁହାଇଲା । ସେ ଦେଶ ପତିତ ହୋଇଲା ।। ସେ ଦିନ ପଦ୍ମ ଫୁଟିଥାଇ । ଶୁକ୍ଳପକ୍ଷଟି ସେ ବୋଲାଇ ।। ସେଦିନ ରତି ଯେବେ କରି । ସେ ଦେଶେ ସୁକର୍ମ ଆଚରି ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ

**ପଞ୍ଚସପ୍ତତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ବୋଲଇ ଗୋସାଇଁ । କଥାଏ ମନେ ପଡ଼ିଲଇଁ ।। ଗ୍ରହଣେ ରବି ଚନ୍ଦ୍ର ଯେତେ । ସର୍ବେ ପବିତ୍ର ହୋନ୍ତି ତେବେ ।। ଏ ଅର୍ଥ କହ ଭଗବାନ । ନମଇ ତୁମ୍ଭରି ଚରଣେ ।।

**ଶ୍ରୀ ଭଗବାନୁବାଚ :** କହନ୍ତି ପ୍ରଭୁ ଭାବଗ୍ରାହୀ । ମାତାର ପଦ୍ମ ଫୁଟିଥାଇ ।। ଗ୍ରହଣ କାଳ ଯେ ଅଟଇ । ଶୁଣ ଅର୍ଜ୍ଜୁନ ମନଦେଇ ।। ଚନ୍ଦ୍ର ଯେ ମାତା ରଜ ହେଲା । ବୀଜ ଆଗଟି ସୂର୍ଯ୍ୟ କଲା ।। ରଜବୀର୍ଯ୍ୟରେ ଯୁକ୍ତ ହେଲା । ସର୍ବ ପବିତ୍ର ତେଣୁ କଲା ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ଷଡ଼ସପ୍ତତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ବୋଲଇ ଗୋସାଇଁ । କଥାଏ ପଚାରିବି ମୁହିଁ ।। ବାମ ପାରୁଶେ ଗୁରୁଥାଇ । ଦକ୍ଷିଣେ ଆଚାର୍ଯ୍ୟ ବସଇ ।। ଏ ବେନି କରି ନମସ୍କାର । ଗଙ୍ଗା ଯମୁନା ଗଣେଶ୍ୱର ।। ଗଙ୍ଗା ଯମୁନା କେ ବୋଲାଇ । ଗଣେଶ୍ୱରଟି କେ ହୁଅଇ ।। କେମନ୍ତେ କରି ନମସ୍କାର । କହ ହେ କମଳାର ବର ।। ଗୁରୁ ଯେ କେ ପୁଣ ଅଟନ୍ତି । ଆଚାର୍ଯ୍ୟ କେ ଅବା ହୁଅନ୍ତି ।। ନିଶ୍ଚୟ କରି କହ ଫେଡ଼ି । ନମସ୍ତେ ମୁକୁନ୍ଦ ମୁରାରି ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜ୍ଜୁନ ଦେଇ ଚିତ୍ତ । ତୋତେ କହିବା ଜ୍ଞାନ ତତ୍ତ୍ୱ ।। ବାମ ନାସିକା ଗୁରୁ କହି । ଯମୁନା ଧାର ସେ ବୋଲାଇ ।। ଦକ୍ଷିଣ ନାସାଟି ଆଚାର୍ଯ୍ୟ । ଗଙ୍ଗାଧାରଟି ସେହି ହେଜ ।। ଏ ବେନି ମଧ୍ୟେ ଗଣେଶ୍ୱର । ଏମନ୍ତେ ହେଲା ତିନିଧାର ।। ଏ ତିନି ପବନକୁ ଧର । ଶୂନ୍ୟ ଗୁମ୍ଫାରେ ନେଇଭର ।। ଯେଣୁ ଉଲଟ ତୁହାଇଲା । ଏଣୁଟି ନମସ୍କାର କଲା ।। ସୋମ ମଙ୍ଗଳ ଗଙ୍ଗା କହି । ପବନ ଦୁର୍ବାଙ୍କୁର ହୋଇ ।। କହଇ ବଳରାମ ଦାସ । ସେ ଦୁର୍ବାଙ୍କୁରେ ମୋର ଆଶ ।।



ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ସପ୍ତସପ୍ତତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ପୁଣି ଅର୍ଜ୍ଜୁନ ପଚାରଇ । କହ ହେ ବ୍ରହ୍ମାଣ୍ଡ ଗୋସାଇଁ ।। ଆତ୍ମାକୁ ଆତ୍ମା ଯେବେ ସରେ । ପରମାନନ୍ଦେ ସେ ବିହରେ ।। ଏ ଜ୍ଞାନ କହ ମୋତେ ଫେଇ । ନମସ୍ତେ ପ୍ରଭୁ ଭାବଗ୍ରାହୀ ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜ୍ଜୁନ ବୀରମଣି । ତୋତେ କହିବା ଜ୍ଞାନବାଣୀ ।। ଆତ୍ମା ଯେ ମାତା ରଜ କହି । ଆରେକ ଆତ୍ମାବୀଜ ହୋଇ ।। ରଜରେ ବୀଜ ଯୁକ୍ତହେଲା । ଆତ୍ମାକୁ ଆତ୍ମା ସେ ସ୍ମରିଲା ।। ରଜ ବୀଜଙ୍କ ମଧ୍ୟେ ଯାଇ । ପରମ ଆତ୍ମା ବିହରଇ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ଅଷ୍ଟସପ୍ତତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ପୁଣି ଅର୍ଜ୍ଜୁନ ପଚାରଇ । ଶୁଣ ହେ କମଳାର ସାଇଁ ।। ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ । ପଦ୍ମଗଳୁଛି ମକରନ୍ଦ ।। ସେ ମକରନ୍ଦ ପାନକରି । ଭବୁ ଭକତେ ଗଲେ ତରି ।। ଗୋବିନ୍ଦ ଧାର କେ ହୋଇଲା । ପାଦରୁ କେମନ୍ତ ଗଳିଲା ।। ତାହା ଭଜନ୍ତେ ପାନ କରି । କେମନ୍ତେ ଗଲେ ଭବୁ ତରି ।। ଏ ଜ୍ଞାନ ଫେଡ଼ି କହ ହରି । ଶୁଣିଲେ ଯିବି ମୁଁ ନିସ୍ତରି ।। **ଶ୍ରୀ ଭଗବାନୁବାଚ :** ଶୁଣ ଅର୍ଜ୍ଜୁନ ବୀରବର । କହିବା ବ୍ରହ୍ମାଣ୍ଡ ଭୂଗୋଳ ।। ଗୋଟିଏ ପାଦୁ ସେ ବହିଲା । ପଦ୍ମରେ ଯାଇ ବିଶ୍ରାମିଲା ।। ତହିଁରେ ପୁରୁଷେ ସର୍ଜ୍ଜଇ । ଗିରି ଶିଖର ପରେ ଥାଇ ।। ଯେ ବାଟେ ବିନ୍ଦୁ ଯେ ପଡ଼ଇ । ଏ ଜୀବ ଧ୍ୟାନ କରିଥାଇ ।। ଅଲେଖ ଜ୍ୟୋତି ବ୍ରହ୍ମପଦ । ତହିଁରୁ ଗଲେ ମକରନ୍ଦ ।।

ପଦରେ ଥାଇ ପାନ କଲା । ଭବରୁ ଉଦ୍ଧାର ହୋଇଲା ।। ଶୁଣି ଅର୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ

**ଊନଶୀତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ଅର୍ଜୁନ ପଡ଼ଇ ପୟରେ । ପଚାରେ ଆକୁଳ ଭାବରେ ।। ଗୋବିନ୍ଦ କମଳଲୋଚନ । ଏ ଅର୍ଥ କହ ଭଗବାନ ।। କମଳ ଲୋଚନ ତୁମ୍ଭର । କେମନ୍ତେ ହେଲା ଚକ୍ରଧର ।। ଏ ଜ୍ଞାନ ଫେଡ଼ି ମୋତେ କହ । ମନରୁ ଫିଟାଅ ସନ୍ଦେହ ।। **ଶ୍ରୀ ଭଗବାନୁବାଚ :** କହନ୍ତି କମଳ ଲୋଚନ । ଏହାହିଁ ଗଣ୍ଠି କରି ଘେନ ।। ପଦ୍ମକମଳ ଫୁଟିଥିଲା । ତହିଁରେ ବିନ୍ଦୁ ଯେ ପଡ଼ିଲା ।। ରଜୋ ବୀଜଙ୍କ ମଧେ ମୁହିଁ । ଜ୍ୟୋତି ରୂପରେ ପ୍ରକାଶଇ ।। କମଳ ଲୋଚନ ମୋ ନାମ । ତେଣୁ ହୋଇଲା ହେ ଅର୍ଜୁନ ।। ଶୁଣି ଅର୍ଜୁନ ହେଲେ ତୋଷ । କହଇ ବଳରାମ ଦାସ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ

**ଅଶୀତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ମନେ ହେତୁ କରି । ପଚାରେ କୃଷ୍ଣ ପାଦ ଧରି ।। ଅଶ୍ୱତ୍ଥ ତରୁମୂଳେ ବସି । ନିଜ ମହିମା ପରକାଶି ।। ଏକଥା ସଂଶୟ ମୋହର । ପଚାରୁଅଛି ଚକ୍ରଧର ।। **ଶ୍ରୀ ଭଗବାନୁବାଚ :** ଏ ଜ୍ଞାନ ନ କହିବୁ କାହିଁ । ମୋହର ପାଦ ଥାଅ ଛୁଇଁ ।। ଅଶ୍ୱତ୍ଥ ବୃକ୍ଷ ଦେହ ଜାଣ । ତାଳୁକାରେ ମୋ ନିଜ ସ୍ଥାନ ।। ଦେହରେ ଅଶ୍ୱତ୍ଥ ନ ଥିଲେ । ଜୀବ ପରମ ଲୀନ ହେଲେ ।। ଜୀବ ପରମ ବ୍ରହ୍ମଜ୍ଞାନ । ସେହି ବ୍ରହ୍ମଟି ଜ୍ୟୋତି ଜାଣ ।। ନିଜ ରୂପଟି ଅଟେ



ସେହି । ବୃକ୍ଷ ମୂଳରେ ପ୍ରକାଶଇ ।। ତକ୍ଷଣେ ଶୂନ୍ୟେ ଚଳିଯାନ୍ତି । ମହାଶୂନ୍ୟରେ ସେ ରହନ୍ତି ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ

**ଏକାଶୀତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ବୋଲେ ଅର୍ଜ୍ଜୁନ ଶୁଣ ହରି । କଥାଏ ଅଛଇ ମୋହରି ।। ପଦ୍ମନ ଛେଦି ଚକ୍ରଗଲା । ତୁମ୍ଭର ହସ୍ତକୁ ନଇଲା ।। ପଦ୍ମନ କେ ଅବା ଅଟନ୍ତି । କେମନ୍ତେ ଚକ୍ରରେ ନାଶନ୍ତି ।। ଏ ଅର୍ଥ କହ ଆଦିମୂଳ । ଶରଣ ତୋ ପାଦ କମଳ ।। **ଶ୍ରୀ ଭଗବାନୁବାଚ :** କହନ୍ତି ପ୍ରଭୁ ବ୍ରହ୍ମରାଶି । ରଙ୍ଗ ଅଧରେ ମନ୍ଦ ହସି ।। ବକ୍ଷରି ବନ ବୋଲି କହି । ଅଲେଖ ବ୍ରହ୍ମଛନ୍ତି ରହି ।। ପ୍ରଳୟ କାଳଯହୁଁ ହେଲା । ଶରୀର କାଳ ଆକର୍ଷିଲା ।। ପାଦରୁ ଧ୍ରୁବ ଲୋକଯାଏ । ଜଳଘୋଟଇ ଅପ୍ରମୟେ ।। ତା ଦେଖି ପ୍ରଭୁ ଭଗବାନ । ବେଗେ ପେଷିଲେ ସୁଦର୍ଶନ ।। ଶୂନ୍ୟ ଶବଦ ସୁଦର୍ଶନ । ଚକ୍ଷୁରେ ଛାଡ଼ଇ ବହନ ।। ଜ୍ୟୋତି ରୂପରେ ଛାଡ଼ିଗଲା । କୃଷ୍ଣର ହସ୍ତକୁ ନଇଲା ।। ଅତି ଗୁପତ ଜ୍ଞାନ ଏହି । ତୋତେ କହିଲି ବୀର ଫେଇ ।। ଶୁଣି ଅର୍ଜୁନ ହେଲେ ତୋଷ । ଭଣିଲେ ବଳରାମ ଦାସ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ

**ଦ୍ୱାଶୀତିତମୋଽଧ୍ୟାୟଃ ସମାପ୍ତ ।**

--●--

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ବୋଲେ ପ୍ରାଣନାଥ । ମନରେ ପଡ଼ିଲା ଯଥାର୍ଥ ।। ମୋର ନିବାସ ମାତ୍ର ଥିବ । ଜଳେ ଦ୍ୱାରକାନାଶ ହେବ ।। ଦ୍ୱାରକା ଜଳେ ବୁଡ଼ିଗଲା । ତୋର ନିବାସ ନ ବୁଡ଼ିଲା ।। ସେ କଥା କହ ଭାବଗ୍ରାହୀ । ମୁଁ ତୁମ୍ଭ ସେବକ ଅଟଇ ।। **ଶ୍ରୀ ଭଗବାନୁବାଚ :** କହନ୍ତି ଦେବକୀ ନନ୍ଦନ । ଶୁଣ ହେ ପାଣ୍ଡବ

ଅର୍ଜ୍ଜୁନ ।। ତାଲୁକପୁର ଯେ ଅଟଇ । ଦ୍ୱାରକାପୁର ତାକୁ କହି ।। ଶରୀରେ ସନ୍ନିପାତ ଗ୍ରାସୀ । ସେଠାରେ ନ ପାରଇ ପଶି । ତହିଁରେ ବ୍ରହ୍ମାଣ୍ଡ ଗୋସାଇଁ । ବିରାଜେ ଜ୍ୟୋତିରୂପ ହୋଇ ।। ବ୍ରହ୍ମ ପ୍ରଳୟ ହୋଇ ଯାଇ । ସମସ୍ତେ ଲୀନ ସେହିଠାଇଁ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ତ୍ରିଶୀତିତମୋଽଧ୍ୟାୟଃ** ସମାପ୍ତ ।

--●--

**ଅର୍ଜ୍ଜୁନ ଉବାଚ :** ଅର୍ଜ୍ଜୁନ ବୋଲେ ଭଗବାନ । ତୁମ୍ଭେ ହେ ଜଗତ ରକ୍ଷଣ ।। କୃଷ୍ଣ ବିଧାତା ଯେତେ ନାରୀ । ମିଳିଲେ ଅଭିଷେକ କରି ।। କୃଷ୍ଣ ଯେ ନିଜପୁରେ ଗଲେ । କନ୍ୟାଏ ବିଧବା ହୋଇଲେ ।। ବିଧବା ହେଲେ କୃଷ୍ଣ ନାରୀ । କେମନ୍ତେ ଅଭିଷେକ କରି ।। ଏକଥା ଫେଡ଼ି କହ ମୋତେ । ନମଇଁ ତୋର ପାଦଗତେ ।।

**ଶ୍ରୀ ଭଗବାନୁବାଚ :** ଅର୍ଜ୍ଜୁନ ବାକ୍ୟେ ଭଗବାନ । କହନ୍ତି ଭୂଗୋଳ ବିଧାନ ।। ଦେହରୁ ଜୀବ ଛାଡ଼ିଗଲେ । କନ୍ୟାଏ ତହିଁ ଲୀନ ହେଲେ ।। କନ୍ୟାଙ୍କ ଅଭିଷେକ ଏହି । ମିଳିଲେ ଜ୍ୟୋତି ବ୍ରହ୍ମେ ଯାଇ ।। କହଇ ବଳରାମ ଦାସ । ବ୍ରହ୍ମାଣ୍ଡ ଭୂଗୋଳ ପ୍ରକାଶ ।।

ଇତି ଶ୍ରୀ ବ୍ରହ୍ମାଣ୍ଡ ଭୂଗୋଳ ବର୍ଣ୍ଣନେ ହରି ଅର୍ଜ୍ଜୁନ ସମ୍ବାଦେ
**ଚତୁଃଶୀତିତମୋଽଧ୍ୟାୟଃ** ସମାପ୍ତ ।

--●--

ମୁଦ୍ରଣ : **ବିଶ୍ୱବିଦ୍ୟା ପ୍ରେସ୍,** ଅଲିଶାବଜାର, କଟକ-୨